ଧରିତ୍ରୀ
DHARITRI
March 23 - 29, 2025 ₹ 2/-

ଧରିତ୍ରୀ DHARITRI 51 Years

ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

୩

# ଶେଷରେ ପଦ୍ମଶ୍ରୀ

ଦିନେ ଏମାନେ ଥିଲେ ସାଧାରଣ ମହିଳା। କିନ୍ତୁ ସମାଜର ଦୁଃଖଦୁର୍ଦ୍ଦଶାକୁ ଦୂର କରିବା ପାଇଁ ଏମିତି କିଛି କାମ କଲେ; ଯେଉଁଥିପାଇଁ ସମାଜରେ ତାଙ୍କୁ ଭିନ୍ନ ଏକ ପରିଚୟ ମିଳିବା ସହ ଶେଷରେ ସେମାନେ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇବାକୁ ମଧ୍ୟ ଯୋଗ୍ୟ ବିବେଚିତ ହେଲେ ...


# ସୁଖସମୃଦ୍ଧିର ବାସ୍ତୁ ଉପଚାର

**ଘରର ସୁଖଶାନ୍ତି ଓ ସମୃଦ୍ଧି ପାଇଁ ବାସ୍ତୁ ନିୟମ ମାନିବା ସହ କିଛିଟା ଛୋଟମୋଟ ଭୁଲ୍‌କୁ ସୁଧାରିପାରିଲେ ଜୀବନ ସରସ, ସୁନ୍ଦର ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଯେମିତିକି:**

✲ ଶୁକ୍ରବାର ଏବଂ ପୂର୍ଣ୍ଣିମା ଦିନ କେବେ ବି କାନ୍ଦିବେ ନାହିଁ। କୁହାଯାଏ, ଏହି ଦିନମାନଙ୍କରେ ଆଖିରୁ ଲୁହ ଝରିଲେ ପ୍ରତିଷ୍ଠା କ୍ଷୁର୍ଣ୍ଣ ହେବା ସହ ଘରେ ଅଶାନ୍ତି ବଢିଥାଏ।

✲ ଘରର କୌଣସି ସ୍ଥାନରେ କେବେ ବି ବୁଢିଆଣି ଜାଲ ହେବାକୁ ଦେବେ ନାହିଁ। ଏହାଦ୍ୱାରା ମାତା ଲକ୍ଷ୍ମୀ ରୋଷ କରିଥାନ୍ତି ବୋଲି ବିଶ୍ୱାସ ରହିଛି।

✲ ଆଲମାରିର ମୁହଁ ଉତ୍ତର କିମ୍ବା ପୂର୍ବ ଦିଗକୁ ରହିଲେ ଶୁଭ।



ସମ୍ମୁଖରେ ଯଦି ଝରକା ଥିବ ତା'ହେଲେ ତ ଆହୁରି ଭଲ।

✲ ଭୁଲ୍‌ରେ ବି ଚପଲ ଉପରେ ଚପଲ ଥାକ କରିକି ରଖିବେ ନାହିଁ। ଏହାଦ୍ୱାରା ଘରେ ଅଶାନ୍ତିର ବାତାବରଣ ଖେଳି ଯାଇଥାଏ ବୋଲି ମାନ୍ୟତା ରହିଛି।

✲ ଅନେକଙ୍କର କବାଟ ପଛପଟେ ହ୍ୟାଙ୍ଗର୍‌ରେ ପୋଷାକ ଟଙ୍ଗାଇବାର ଅଭ୍ୟାସ ଥାଏ। କିନ୍ତୁ ଏଭଳି କରିବା ଠିକ୍ ନୁହେଁ। କୁହାଯାଏ, ଏଭଳି କଲେ ଘରର ବ୍ୟକ୍ତିଙ୍କୁ କିଛି କାରଣ ନଥାଇ ବି ଅପମାନିତ ହେବାର ଆଶଙ୍କା ରହିଥାଏ।

✲ ଘରେ କେବେ ବି ଯୁଦ୍ଧ ହେଉଥିବାର ଚିତ୍ର, କାନ୍ଦିବା ଫଟୋ ଲଗାଇବେ ନାହିଁ। ଏହାଦ୍ୱାରା ଘରେ ନକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇଥାଏ ବୋଲି ବିଶ୍ୱାସ ରହିଛି।

✲ ଝାଡୁକୁ କେବେ ବି ମୋଡିକି ରଖିବା ଠିକ୍ ନୁହେଁ। ଏପରି କଲେ ଘରେ ଆର୍ଥିକ ସମସ୍ୟା ଦେଖାଯିବା ସହ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ ବୋଲି ବିଶ୍ୱାସ କରାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ମାର୍ଚ୍ଚ ୨୩-୨୯**

**ମେଷ**
କାର୍ଯ୍ୟ ବ୍ୟସ୍ତ ରହିବେ, ବୈଷୟିକ ଅଭିବୃଦ୍ଧି ହେବ, ପାରିବାରିକ ସଦ୍‌ଭାବ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, କର୍ମକ୍ଷେତ୍ରରେ ବିବାଦ, ତିକ୍ତତାର ପରିସମାପ୍ତି ଘଟିବ, ଭ୍ରାତୃ ସମ୍ପର୍କର ଅବନତି, ଯାତ୍ରାରେ ସଫଳତା, ମୂଲ୍ୟବାନ ଦ୍ରବ୍ୟ କ୍ରୟ ॥

**ବୃଷ**
କାମରେ ଅସଫଳତା, ମନୋବଳ ହ୍ରାସ, ପରିବାରରେ କଳହ, ଯାନବାହନରେ ତ୍ରୁଟି, ନିର୍ମାଣର ଶେଷ ପର୍ଯ୍ୟାୟ, ଧାର କରଜ କରିବେ, ବାଣିଜ୍ୟ ବ୍ୟବସାୟରେ ଉନ୍ନତି, କଳାରେ ଉତ୍କର୍ଷତା,ସମସ୍ୟାର ସମାଧାନ, ବିବାଦୀୟ ପରିସ୍ଥିତି ଉପୁଜିବ, ବନ୍ଧୁଙ୍କ ପ୍ରସ୍ତାବ ସ୍ଥିରୀକୃତ ॥

**ମିଥୁନ**
ମାନସିକ ଦ୍ୱନ୍ଦ୍ୱ, କର୍ମକ୍ଷେତ୍ରରେ ସମ୍ମାନ, ଭ୍ରମଣ ସୁଯୋଗ, ସଙ୍ଗଦୋଷରୁ ସମାଲୋଚନା, ବାଣିଜ୍ୟରେ ଉନ୍ନତି, ଅତିଥିସେବାର ସୁଯୋଗ, କ୍ରୀଡାରେ ସଫଳତା, ନିଯୁକ୍ତି ଖବର ପାଇବେ, ଦୂରଯାତ୍ରାର ଯୋଜନା କରିବେ ॥

**କର୍କଟ**
ଆର୍ଥିକ ଅଭିବୃଦ୍ଧି, ନୂତନ କର୍ମାରମ୍ଭ, ସଭାସମିତିକୁ ଆହ୍ୱାନ, ବୈବାହିକ ସମ୍ପର୍କ, ମାଙ୍ଗଳିକ କର୍ମାଲୋଚନା, ଶିକ୍ଷାରେ ସଫଳତା, ମିଥ୍ୟା ଗୁଜବ, ମନ ବିଚଳିତ ରହିବ, ମକଦ୍ଦମାରେ ବାଇଦା, ଉଚ୍ଚସ୍ତରରୁ ସମ୍ମାନ ॥

**ସିଂହ**
ଶାରୀରିକ ସୁସ୍ଥତା, ଆର୍ଥିକ ଦୂରବସ୍ଥା, ପଡୋଶୀଙ୍କ ସମାଲୋଚନା, ବିଳମ୍ବରେ କାର୍ଯ୍ୟ ସିଦ୍ଧି, ପିଲାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତାର କାରଣ, ନୂତନ ନିଯୁକ୍ତି ସୁଯୋଗ, ବିବାଦୀୟ ପରିସ୍ଥିତି, କରଜଦାତାଙ୍କ ଚାପ, ଧର୍ମକାର୍ଯ୍ୟ କରିବେ ॥

**କନ୍ୟା**
କର୍ମକ୍ଷେତ୍ରରେ ବିବାଦ, ବନ୍ଧୁଙ୍କ ସହାୟତା, କାରବାରରେ ଉନ୍ନତି, ଭାବପ୍ରବଣତା, ଆର୍ଥିକ ସମସ୍ୟା, ମାନସିକ ବିଷାଦ, କାର୍ଯ୍ୟରେ ସଫଳତା, ଦୁଃସାହସିକ ପଦକ୍ଷେପ, ବିଭିନ୍ନ ସୂତ୍ରରୁ ରୋଜଗାର, ପଦମର୍ଯ୍ୟାଦା ବୃଦ୍ଧି, ମକଦ୍ଦମାରୁ ଦୁଃଶ୍ଚିନ୍ତା ॥

**ତୁଳା**
ଚେଷ୍ଟା ସଫଳ ହେବ, କ୍ଳାନ୍ତିବୋଧ କରିବେ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ବ୍ୟୟ ବରାଦ କରିବେ, ସମସ୍ୟାର ମୁକାବିଲା, ବନ୍ଧୁମିଳନର ଆୟୋଜନ, ପ୍ରତିଯୋଗୀତାରେ ସଫଳତା, ସତ୍‌ସଙ୍ଗର ସୁଯୋଗ ॥

**ବିଛା**
କର୍ମକ୍ଷେତ୍ରରେ ସମ୍ମାନ, ଆଶା ପୂରଣ ହେବ, ସ୍ଥଗିତ କର୍ମାରମ୍ଭ, ନିଃସଙ୍ଗତା ବୋଧ, ବନ୍ଧୁ ପ୍ରସ୍ତାବ ଆସିବ, ଚୁକ୍ତିପତ୍ର ସ୍ୱାକ୍ଷରିତ, ପାରିବାରିକ ଅସହଯୋଗ, ନୈରାଶାଜନିତ ଦୁଃଖ , ଯୋଗଶିକ୍ଷାରେ ରୁଚି, ଗୃହସୀମା ବିବାଦ, କ୍ରନିକ୍ ରୋଗର ପୀଡା ॥

**ଧନୁ**
ନୂତନ ଯୋଜନାରମ୍ଭ, ସରକାରୀ ସହାୟତା, ସହକର୍ମୀଙ୍କ ସୁପରାମର୍ଶ, ସ୍ୱଜନ ଶତ୍ରୁତା, ସନ୍ତାନଙ୍କ ବିଶୃଙ୍ଖଳା, ଋଣ ପରିଶୋଧ କରିବେ, ବନ୍ଧୁଙ୍କୁ ଭେଟିପାରନ୍ତି, କାମରେ ଅବହେଳା, ମାନସିକ ଅସ୍ଥିରତା, ସଙ୍ଗଦୋଷରୁ ସମାଲୋଚନା, ସଭାସମିତିକୁ ନିମନ୍ତ୍ରଣ ॥

**ମକର**
ପରିସ୍ଥିତିରେ ସାମ୍ୟତା, ପଡୋଶୀଙ୍କ ପରାମର୍ଶ, ବନ୍ଧୁଙ୍କ ସାହାଯ୍ୟ, କାର୍ଯ୍ୟ ତ୍ୱରାନ୍ୱିତ ହେବ, ସମ୍ପର୍କ ବୃଦ୍ଧି ପାଇବ, ଶୁଭଖବର ପାଇବେ, ଏଜେନ୍ସିପ୍ ବଢିବ, କାମ ଅସମ୍ପୂର୍ଣ୍ଣ ରହିବ, ଆଶଙ୍କା ବୃଦ୍ଧି ପାଇବ, ବିଦେଶଯାତ୍ରାର ସୁଯୋଗ ॥

**କୁମ୍ଭ**
ଅନୁକୂଳ ପରିବେଶ, କାମରେ ଅଗ୍ରଗତି, ବିବାଦର ଅବସାନ, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ଅସହଯୋଗ, ଧର୍ମକାର୍ଯ୍ୟରେ ନିୟୋଜିତ ହେବେ, ଯାତ୍ରାରେ ଲକ୍ଷ୍ୟପୂରଣ, ନିର୍ମାଣ ତ୍ୱରାନ୍ୱିତ ହେବ, ପ୍ରତୀକ୍ଷିତ ଖବର ପ୍ରାପ୍ତି, ସାହିତ୍ୟ ସଙ୍ଗୀତରୁ ପ୍ରଶଂସା ॥

**ମୀନ**
ପ୍ରତିକୂଳତା ଦୂର ହେବ, ଉପରିସ୍ଥଙ୍କ ଅନୁକମ୍ପା, ପରିସ୍ଥିତି ବଦଳିଯିବ, ମାନସିକ ଚାପ କମିବ, ବୁଝାମଣାରେ ବ୍ୟତିକ୍ରମ, ପ୍ରତ୍ୟୁଷ ଯାତ୍ରାରେ ସଫଳତା, ପ୍ରାପ୍ୟଧନରେ ବାଧା, ପ୍ରତୀକ୍ଷିତ ଖବର ପାଇବେ, ପକ୍ଷପାତିତାକୁ ନାପସନ୍ଦ, କାମ ଅଟକିବ ନାହିଁ, ବନ୍ଧୁଙ୍କ ଅନାଦର ॥

# ସ୍ମରଣ ଶକ୍ତି ବଢାଇବେ କିପରି...

ସୁସ୍ଥ ରହିବା ପାଇଁ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଖାଇବା ଜରୁରୀ। ଏହି ଖାଦ୍ୟ ବ୍ୟକ୍ତିଙ୍କୁ ନୀରୋଗ ରଖିବା ସହ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ଦୃଢ କରିଥାଏ। ହେଲେ ଏମିତି ବି କିଛି ଖାଦ୍ୟ ରହିଛି, ଯେଉଁ ଖାଦ୍ୟକୁ ଖାଇଲେ ବ୍ରେନ୍ ପାୱାର୍ ବଢିଥାଏ। ବିଶେଷକରି ପିଲାମାନଙ୍କୁ ଏହି ଖାଦ୍ୟ ଖାଇବାକୁ ଦେଲେ ସେମାନଙ୍କର ସ୍ମରଣ ଶକ୍ତି ସକ୍ରିୟ ହେବା ସହ ପାଠ ଭଲ ମନେ ରହିଥାଏ। ଯେମିତିକି:



✲ **ଡ୍ରାଏଫ୍ରୁଟ୍ସ–** କୁହାଯାଏ, ପ୍ରତିଦିନ କିଛି କିଛି ପେସ୍ତା ବାଦାମ ଓ ଅଖରୋଟ ପିଲାମାନଙ୍କୁ ଖାଇବାକୁ ଦେଲେ ସେମାନଙ୍କର ମସ୍ତିଷ୍କ ବେଶ୍ ସକ୍ରିୟ ହୋଇଥାଏ।

✲ **ଅଣ୍ଡା:** ଏଥିରେ ପ୍ରୋଟିନ୍ ଏବଂ ଅନ୍ୟ ଜରୁରୀ ପୋଷକ ତତ୍ତ୍ୱ ପ୍ରଚୁର ମାତ୍ରାରେ ରହୁଥିବାରୁ ପିଲାମାନଙ୍କୁ ଏହାକୁ ଖାଇବାକୁ ଦେଲେ ସେମାନଙ୍କର ଏକାଗ୍ରତା ବଢିଥାଏ।

✲ **ସବୁଜ ପନିପରିବା:** ଖାସ୍ କରି ଶିମ୍‌ଲା ଲଙ୍କା, ଗାଜର, ବ୍ରୋକଲି, ପାଳଙ୍ଗ ଶାଗ ଓ ଅନ୍ୟାନ୍ୟ ତଟକା ପନିପରିବା ପିଲାମାନଙ୍କୁ ଖାଇବା ଦେଲେ ସେମାନଙ୍କ ଶରୀର ଭଲ ରହିବା ସହ ତାଙ୍କର ସ୍ମୃତିଶକ୍ତି ବି ପ୍ରଖର ହୋଇଥାଏ ବୋଲି କୁହାଯାଇଥାଏ।

✲ **କ୍ଷୀର:** ଏଥିରେ ସବୁ ପ୍ରକାରର ଭିଟାମିନ୍ ଭରି ରହିଥାଏ। ତେଣୁ କ୍ଷୀର ପିଇବା ସ୍ୱାସ୍ଥ୍ୟ ପ୍ରତି ବହୁତ ଉପକାରୀ। ବିଶେଷକରି ପାଠପଢୁଆ ପିଲାମାନଙ୍କ ପାଇଁ ନିୟମିତ କ୍ଷୀର ପିଇବା ଆବଶ୍ୟକ। କାରଣ କ୍ଷୀର ସେମାନଙ୍କୁ ବଳୁଆ କରିବା ସହ ବୁଦ୍ଧିଆ ବି କରିଥାଏ।

# ପାଠକୀୟ

✲ ରଙ୍ଗର ପର୍ବ ହୋଲିର ସ୍ମୃତି ଯେତେ ପୁରୁଣା ହେଲେ ବି ତାହା କେବେ ଫିକା ପଡ଼େନା। ରହି ରହି ମନେ ପଡ଼େ। ଆଉ ଦେହ ମନ ଓଦା ହେଇଯାଏ ତା'ର ସ୍ମୃତିର ରଙ୍ଗରେ। ଏଭଳି ଏକ ନିଆରା ଆଲେଖ୍ୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ସେଦିନର ହୋଲି ହେଉନାହିଁ ଭୁଲି' ପାଠଟି ବେଶ୍ ମନଛୁଆଁ ହୋଇଥିଲା। 'ହୋଲିରେ ଘରକୁ କ'ଣ ଆଣିବା ଶୁଭ', 'ରଙ୍ଗର ସଙ୍କେତ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ସ୍ୱପ୍ନାମୟୀ ବାରିକ, ପାରାଦୀପ*

✲ ଖୁସିର ପସରା ନେଇ ଆସେ ହୋଲି। ବିଭିନ୍ନ ରଙ୍ଗରେ ରଙ୍ଗୀନ ହୁଏ ଦେହ ଓ ମନ। ଦୂର ହୁଏ ଯେତେସବୁ ରାଗ ଅଭିମାନ। ଯୋଡ଼ି ହୁଏ ନୂଆ ସମ୍ପର୍କ। ଗଢି ଉଠେ ନୂଆ କାହାଣୀ ; ଯାହା ମନ ଭିତରେ ଘର କରି ରହିଯାଏ ସବୁଦିନ ପାଇଁ। ଯେବେ ଯେବେ ସେଇ ସ୍ମୃତି ସବୁ ଉଙ୍କିମାରେ ମନ ପୁଣିଥରେ ଭିଜିଯାଏ ସେଇ ପୁରୁଣା ହୋଲିର ରଙ୍ଗରେ। ଆଉ ହୃଦୟ କହେ ସତରେ ସେଦିନର ହୋଲି କଥା ହିଁ ଥିଲା ନିଆରା। ଏଭଳି କିଛି ନିଆରା ସ୍ମୃତିକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ସେଦିନର ହୋଲି ହେଉନାହିଁ ଭୁଲି' ଶୀର୍ଷକ ଆଲେଖ୍ୟଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା।

*– ଋତୁରାଜ ଶତପଥୀ, ଭବାନୀପାଟଣା*

✲ 'ପ୍ରାକୃତିକ ରଙ୍ଗରେ ହୋଲି' ଶୀର୍ଷକ ପାଠରୁ ବହୁ ଅଜଣା କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ କବି, ଗାଳ୍ପିକ, ନାଟ୍ୟକାର ଓ ଶିକ୍ଷାବିତ୍ ପ୍ରସନ୍ନ କୁମାର ସ୍ୱାଇଁ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଫଗୁ ଦଶମୀ' ଶୀର୍ଷକ ଗପଟି ବେଶ୍ ମନଛୁଆଁ ଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା।

*– ରଜତ ପୃଷ୍ଟି, ସୁନ୍ଦରଗଡ଼*

✲ ସାହିତ୍ୟିକା ସର୍ବାଣୀ ପଟ୍ଟନାୟକଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ହୃଦୟସ୍ପର୍ଶୀ ଥିଲା। 'ନୃତ୍ୟରେ ପରିବେଶ ସଚେତନତା' ଶୀର୍ଷକ ପାଠରୁ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ଜ୍ୟୋତିର୍ମୟୀ ବେଶ୍ ସୁନ୍ଦରୀ ଲାଗୁଥିଲେ। 'ଟିକେ ନିଆରା ଏ ହୋଲି ଶୀର୍ଷକ' ପାଠଟି ବି ତଥ୍ୟପୂର୍ଣ୍ଣ ହୋଇଥିଲା।

*–ମୁକେଶ ଦାଶ, ମାଲକାନାଗିରି*

✲ ବିବିଧା ପୃଷ୍ଠାରେ ସ୍ଥାନିତ 'ପିଚକାରି' ଶୀର୍ଷକ ପାଠ ତଥା ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ମିନି ଚେୟାର୍‌ର ଦୁନିଆ', 'ସବୁଠୁ ଡେ଼ଙ୍ଗା ବାସ୍କେଟବଲ ଖେଳାଳି', 'ନିଆରା ରଙ୍ଗୋଲି' ଆଦି ପାଠଗୁଡ଼ିକ ତଥ୍ୟପୂର୍ଣ୍ଣ ହେବା ସହ ଆଶ୍ଚର୍ଯ୍ୟକର ଥିଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ନ୍ୟାଯ୍ୟ ଦାବି' ଶୀର୍ଷକ ପାଠଟି ବି ଶିକ୍ଷଣୀୟ ଥିଲା।

*–ପବିତ୍ର କୁମାର ସାହୁ, ଝାରସୁଗୁଡ଼ା*




## ବିଶେଷ ଚିଠି

ସେଦିନର ହୋଲି ହେଉନାହିଁ ଭୁଲି
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ବାର୍ତ୍ତା ବି ସେମିତି।
ସୃଜନ, ସିନେମା ପୃଷ୍ଠା ବି
ଲାଗୁଥିଲା ଭାରୀ ବଢିଆ,
ମନ କିଣି ନେଉଥିଲା ପୁଣି
ତୁମ ସହରଠୁ ଦୂରର ଦୁନିଆ।
ସତରେ ହେ ଛୁଟିଦିନ
ତୁମର ଷୋହଳ ପୃଷ୍ଠା ଲାଗେ
ସବୁଠୁ ସୁନ୍ଦର, ସବୁଠୁ ନୂତନ।

*–ରାଜେଶ ସାହୁ, ପୋଖରୀପୁଟ, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଶେଷରେ ପଦ୍ମଶ୍ରୀ


ମୁକ୍ତାମଣି ଦେବୀ

ଦିନେ ଏମାନେ ଥିଲେ ସାଧାରଣ ମହିଳା। କିନ୍ତୁ ପରିବାରର ଦୁଃଖଦୁର୍ଦ୍ଦଶାକୁ ଦୂର କରିବା ପାଇଁ ହେଉ କି ସମାଜରେ ନିଜର ଏକ ପରିଚୟ ହାସଲ କରିବା ଲାଗି ହେଉ ଏମାନେ ବାଧ ହେଲେ ଘରର ଏରୁଣ୍ଡି ଡେଇଁବାକୁ। ଆଉ ଏମିତି କିଛି କାମ କଲେ ; ଯାହା ତାଙ୍କୁ ସମାଜରେ ଭିନ୍ନ ଏକ ପରିଚୟ ଦେବା ସହ ସେମାନେ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇବାକୁ ମଧ୍ୟ ଯୋଗ୍ୟ ବିବେଚିତ ହେଲେ। ସେମିତି କେତେଜଣ ପଦ୍ମଶ୍ରୀ ପୁରସ୍କାର ପାଇଥିବା ମହିଳାଙ୍କ ସମ୍ପର୍କରେ...

**ହସ୍ତୀକନ୍ୟାରୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତା:** ଆସାମରେ ଜନ୍ମିତ **ପାର୍ବତୀ ବରୁଆଙ୍କୁ** ପିଲାଟିବେଳୁ ଖେଳଣା ଧରି ଖେଳିବା ପରିବର୍ତ୍ତେ ବନ୍ୟଜୀବ ଖାସ୍ କରି ହାତୀଙ୍କ ଗହଣରେ ସମୟ ବିତାଇବାକୁ ଭଲ ଲାଗୁଥିଲା। କାରଣ ତାଙ୍କ ଜନ୍ମ ଏକ ଶାହି ପରିବାରରେ ହୋଇଥିଲା। ତାଙ୍କ ପିତାଙ୍କ ନାମ ଥିଲା ପ୍ରକ୍ରିତୀଶ ଚନ୍ଦ୍ର ବରୁଆ ; ଯିଏକି ଗୌରିପୁର ରାଜପରିବାରର ଅନ୍ତିମ ଶାସକ ଥିଲେ। ତାଙ୍କର ୯ଜଣ ପିଲାଙ୍କ ମଧ୍ୟରୁ ପାର୍ବତୀ ଥିଲେ ଖୁବ୍ ସାହସୀ। ସେ ତାଙ୍କ ପିତାଙ୍କ ସାଙ୍ଗରେ ଅନେକବାର ଜଙ୍ଗଲକୁ ଯାଇ ହାତୀଙ୍କ ଗହଣରେ ସମୟ ବିତାଇଥିଲେ। କାରଣ ତାଙ୍କ ପିତା ହାତୀମାନଙ୍କ ସମ୍ବନ୍ଧରେ ସ୍ୱତନ୍ତ୍ର ଗବେଷଣା କରୁଥିଲେ। ଏପରିକି ତାଙ୍କ ରାଜପରିବାରର ହାତୀଶାଳାରେ ବି କେତେକ ପୋଷା ହାତୀ ଥିଲେ। ସେଥିପାଇଁ ହାତୀଙ୍କ ସମ୍ପର୍କରେ ବହୁତ କିଛି ତଥ୍ୟ ପାର୍ବତୀଙ୍କୁ ଜଣାଥିଲା ; ଯାହାକି ତାଙ୍କୁ ପରବର୍ତ୍ତୀ ସମୟରେ ଜଙ୍ଗଲୀ ହାତୀଙ୍କୁ କାବୁ କରିବାରେ ତଥା ବିପଦରେ ପଡିଥିବା ହାତୀଙ୍କୁ ଉଦ୍ଧାର କରିବାରେ ସାହାଯ୍ୟ କରିଥିଲା। ଯେଉଁଠୁ କିଛି ଜଙ୍ଗଲୀ ହାତୀ ଉତ୍ପାତ କରିବାର ଖବର ଆସୁଥିଲା, ପାର୍ବତୀ ସେଠି ପହଞ୍ଚି ହାତୀଙ୍କୁ ଶାନ୍ତ କରିବାର ଦାୟିତ୍ୱ ବହନ କରୁଥିଲେ। ଧୀରେ ଧୀରେ ଏହି କାର୍ଯ୍ୟରେ ସେ ବେଶ୍ ପାରଙ୍ଗମ ହୋଇଗଲେ ଆଉ ତାଙ୍କର ଲୋକପ୍ରିୟତା ବଢ଼ିବାକୁ ଲାଗିଲା। ୧୯୭୨ ମସିହାରେ ସେ ବିଧିବଦ୍ଧ ଭାବେ ମହିଳା ମାହୁନ୍ତ ହେବାର ଯୋଗ୍ୟତା ହାସଲ କଲେ ଆଉ ସେବେଠାରୁ ନିଜ ଜୀବନକୁ ନିରୀହ ହାତୀମାନଙ୍କ ସୁରକ୍ଷା ପାଇଁ ଉତ୍ସର୍ଗୀକୃତ କଲେ। ସେଥିପାଇଁ କେହି କେହି ତାଙ୍କୁ 'ହସ୍ତୀକନ୍ୟା' ବୋଲି ବି କହିଥାନ୍ତି। କେବଳ ନିଜ ଅଞ୍ଚଳରେ ନୁହେଁ ଯେଉଁଠି ବି ହାତୀ ବିପଦରେ ପଡିଥିବାର ଖବର ଆସେ ସେ ସେଠାରେ ଯାଇ ପହଞ୍ଚିଯାନ୍ତି। ତାଙ୍କ ପାଖରେ ବି କେତୋଟି ପୋଷା ହାତୀ ରହିଛନ୍ତି ; ଯାହାଙ୍କୁ ପ୍ରତିଦିନ ଗାଧୋଇ ଦେବା, ଖୁଆଇ ଦେବା, ତାଙ୍କୁ ବିଭିନ୍ନ ପ୍ରକାରର ପ୍ରଶିକ୍ଷଣ ଦେବା ଏପରିକି ବିପଦରେ ପଡିଥିବା ଲୋକଙ୍କୁ କିପରି ସାହାଯ୍ୟ କରିବେ ସେ ଶିକ୍ଷା ବି ଦେଇଥାନ୍ତି। ଜଙ୍ଗଲକୁ ନେଇ ସେମାନଙ୍କୁ ହାତୀ ସବାର ଉପରେ ବି ସ୍ୱତନ୍ତ୍ର ତାଲିମ ଦେଇଥାନ୍ତି। ବେଳେବେଳେ କୌଣସି ସ୍ଥାନରେ ଜଙ୍ଗଲୀ ହାତୀ ଉତ୍ପାତ କରୁଥିବାର ଖବର ପାଇଲେ ସେଠାକୁ ନିଜର ଏହି ହାତୀମାନଙ୍କୁ ନେଇ ତାକୁ ଶାନ୍ତ କରାଇବାକୁ ଚେଷ୍ଟା କରିଥାନ୍ତି ; ଯଦ୍ୱାରା ବହୁ ଧନଜୀବନ ନଷ୍ଟ ହେବାରୁ ରକ୍ଷା ପାଇଯାଏ। ଜଣେ ମହିଳା ହୋଇ ବି ହାତୀମାନଙ୍କ ସୁରକ୍ଷା ତଥା ସମାଜର ମଙ୍ଗଳ ପାଇଁ ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ କାମକୁ ହାତକୁ ନେଇଥିବାରୁ ଶେଷରେ ପାର୍ବତୀଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୪ ମସିହାରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରନ୍ତି ; ଯାହା ଅନ୍ୟ ମହିଳାମାନଙ୍କ ପାଇଁ ଏକ ଉଦାହରଣ।




ପାର୍ବତୀ ବରୁଆ

**ଝିଅ ପାଇଁ ଜୋତା କିଣିପାରୁ ନ ଥିଲେ କିନ୍ତୁ ଏବେ ଶୁଜ୍ ଇଣ୍ଡଷ୍ଟ୍ରୀର ମାଲିକାଣୀ:** ମଣିପୁରର **ମୁକ୍ତାମଣି ଦେବୀଙ୍କ** ପାଖରେ ଦିନେ ନିଜ ଝିଅ ପାଇଁ ଜୋତା ହଳେ କିଣିବାକୁ ପଇସା ନ ଥିଲା, ହେଲେ ନିଜର କଠିନ ଅଧ୍ୟବସାୟ ଏବଂ ସୃଜନଶୀଳତା ଯୋଗୁ ଏବେ ସେ ମୁକ୍ତା ଶୁଜ୍ ଇଣ୍ଡଷ୍ଟ୍ରୀର ମାଲିକାଣୀ ହେବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି। ଆଉ ତାଙ୍କ ହାତତିଆରି ଜୋତାର ଏବେ ଦେଶ ବିଦେଶରେ ବେଶ୍ ଚାହିଦା ରହିଛି। ବ୍ୟାପାର ଓ ଉଦ୍ୟୋଗ କ୍ଷେତ୍ରରେ ତାଙ୍କର ଏଭଳି ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ବି ମିଳିଛି।

ଏହା ହେଉଛି ମଣିପୁରର ଜଣେ ଗରିବ ମା' ମୋଇରାଙ୍ଗଥେମ୍ ମୁକ୍ତାମଣି ଦେବୀଙ୍କ କଥା। ପିଲାଟିଦିନରୁ ବାପା ଛେଉଣ୍ଡ ଥିଲେ। ମା' ବହୁତ କଷ୍ଟରେ ତାଙ୍କୁ ବଢ଼ାଇଥିଲେ। ମାତ୍ର ୧୭ ବର୍ଷ ବୟସରେ ତାଙ୍କ ବିବାହ ହେଲା। ବାହାଘର ପରେ ବି ସ୍ୱାମୀଙ୍କର ଆର୍ଥିକାବସ୍ଥା ଭଲ ନ ଥିବା ଯୋଗୁ ସେ ଦିନବେଳା କ୍ଷେତରେ କାମ କରୁଥିଲେ। ସନ୍ଧ୍ୟାବେଳେ ବିଭିନ୍ନ ପ୍ରକାରର ସ୍ନାକ୍ସ ତିଆରି କରି ବିକ୍ରି କରୁଥିଲେ। ଏପରିକି ଅଧିକ ରୋଜଗାର କରିବା ପାଇଁ ସବୁକାମ ସାରି ରାତିରେ ବସି ହେୟାର୍ ବ୍ୟାଣ୍ଡ ଓ କ୍ୟାରି ବ୍ୟାଗ୍ ବି ବୁଣୁଥିଲେ ଆଉ ତାକୁ ସକାଳେ ନେଇ ବିକୁଥିଲେ। ଏସବୁ ବାଦ୍ ଅନ୍ୟ ମା'ମାନଙ୍କ ପରି ନିଜ ଝିଅ ପାଇଁ ଶୀତଦିନେ ଉଲ୍‌ର ସକ୍ସ ଓ ମଫଲର୍ ବୁଣିବାରେ ବି ସେ ବେଶ୍ ମାହିର ଥିଲେ। ୧୯୮୯ ପର୍ଯ୍ୟନ୍ତ ତାଙ୍କର ଏହି କାମ ଏମିତି ଚାଲିଥିଲା। ଥରେ ତାଙ୍କ ଝିଅର ସ୍କୁଲ ଜୋତାର ଉପର ଅଂଶଟି ଛିଡ଼ି ଯାଇଥିଲା। କିନ୍ତୁ ନୂଆ ଜୋତା କିଣିବା ପାଇଁ ମୁକ୍ତାମଣିଙ୍କ ପାଖେ ସେତେବେଳେ ପଇସା ନ ଥିଲା। ସେ ବୁଦ୍ଧି ଖଟାଇ ଜୋତାର ଉପର ଅଂଶକୁ କାଟିଦେଇ ଜୋତାର ସୋଲ୍ ଉପରେ ଉଲ୍‌ରେ ଗୋଟେ ସୁନ୍ଦର ଡିଜାଇନ୍ କରିଦେଲେ। ଆଉ ଝିଅକୁ ସେହି ଜୋତା ପିନ୍ଧାଇ ସ୍କୁଲକୁ ଛାଡିଦେଲେ। ସେଦିନ ସେହି ଜୋତାକୁ ଦେଖି ସ୍କୁଲ ଶିକ୍ଷୟିତ୍ରୀ ଏତେ ଖୁସି ହୋଇଗଲେ ଯେ, ସେ ତାଙ୍କ ଝିଅ ପାଇଁ ବି ଏଭଳି ଏକ ଜୋତା ତିଆରି କରିବାକୁ ଅର୍ଡର ଦେଲେ। ଏକଥାକୁ ନଜରରେ ରଖି ପରେ ମୁକ୍ତାମଣି ଚିନ୍ତା କଲେ ଯେ, ଯଦି ତାଙ୍କ ହାତତିଆରି ଜୋତାକୁ ନେଇ ବ୍ୟବସାୟ କରାଯାଏ, ତା'ହେଲେ କେମିତି ହୁଅନ୍ତା। ମୁକ୍ତାମଣି ଆଉ କେତୋଟି ସୁନ୍ଦର ସୁନ୍ଦର ଡିଜାଇନ୍‌ର ଜୋତାକୁ ଉଲ୍‌ରେ ତିଆରି କରି ବିକିବାକୁ ଗଲେ। ତାକୁ ବି ଲୋକେ ପସନ୍ଦ କରି କିଣିଲେ। ବାସ୍ ତା'ପରଠୁ ସେ ଆଉ ପଛକୁ ଚାହିଁଲେ ନାହିଁ। ଉଲ୍‌ରେ ତିଆରି ଏହି ଜୋତାଗୁଡ଼ିକୁ ବିକିବା ପାଇଁ ସେ 'ମୁକ୍ତା ଶୁଜ୍ ଇଣ୍ଡଷ୍ଟ୍ରୀ' ପ୍ରତିଷ୍ଠା କଲେ ଆଉ ସେଥିରେ କିଛି ମହିଳାଙ୍କୁ ନିୟୋଜିତ କରି ସେମାନଙ୍କୁ ଜୋତା ତିଆରିର ଟ୍ରେନିଂ ଦେବା ସହ ସ୍ୱାବଲମ୍ବୀ କରାଇବାରେ ସାହାଯ୍ୟ କଲେ। ଏବେ ଏହି ଇଣ୍ଡଷ୍ଟ୍ରୀ ତରଫରୁ ତିଆରି ହେଉଥିବା ଉଲ୍ ଜୋତାର ଦେଶବିଦେଶରେ ବେଶ୍ ଚାହିଦା ରହୁଥିବା ଦେଖିବାକୁ ମିଳୁଛି। ତେବେ ଏଭଳି ଏକ ନିଆରା ପ୍ରୟାସ କରି ଭାରତୀୟ ବ୍ୟାପାର ଓ ଉଦ୍ୟୋଗ କ୍ଷେତ୍ରରେ ଭିନ୍ନ ଏକ ପରିଚୟ ସୃଷ୍ଟି କରିବା ସହ ଦେଶ ବିଦେଶରେ ବେଶ୍ ନାଁ କମାଇପାରିଥିବାରୁ ମୁକ୍ତାମଣି ଦେବୀଙ୍କ ଯୋଗ୍ୟତାକୁ ସମ୍ମାନ ଦେଇ ୨୦୨୨ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ।

**କିଷାନ ଚାଚୀରୁ ପଦ୍ମଶ୍ରୀ ବିଜୟିନୀ:** ଦିନେ ସେ ଗାଁର ଜଣେ ସାଧାରଣ ମହିଳା ଥିଲେ। ହେଲେ ନିଜର ବୁଦ୍ଧି ଓ କଠିନ ଅଧ୍ୟବସାୟ ବଳରେ କୃଷିକ୍ଷେତ୍ର ସହିତ ଆଚାର ବ୍ୟବସାୟରେ ଉଲ୍ଲେଖନୀୟ ସଫଳତା ପାଇ 'କିଷାନ ଚାଚୀ'ର ମାନ୍ୟତା ପାଇବା ସହ ଶେଷରେ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇବାକୁ ମଧ୍ୟ ଯୋଗ୍ୟ ବିବେଚିତ ହୋଇଥିଲେ। ଏହି ନିଚ୍ଛକ କାହାଣୀଟି ହେଉଛି ବିହାରର ମୁଜାଫର୍‌ପୁର୍ ଜିଲା ଅନ୍ତର୍ଗତ ଆନନ୍ଦପୁର ଗାଁର **ରାଜକୁମାରୀ ଦେବୀଙ୍କର**। ବୟସ ତାଙ୍କୁ ଏବେ ପ୍ରାୟ ୬୫ ବର୍ଷ ଉପରେ ହେବ। ତଥାପି ସେ ଥକି ପଡି ନାହାନ୍ତି, ଏବେବି ତାଙ୍କର କର୍ମତତ୍ପରତା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥାଏ।

ବିହାରର ଏକ ଗରିବ ପରିବାରରେ ରାଜକୁମାରୀଙ୍କର ଜନ୍ମ। ପିଲାଟିବେଳୁ ସେ ବେଶ୍ କର୍ମଠ। ପରିବାରର ଆର୍ଥିକ ଦୁରବସ୍ଥା ପାଇଁ କମ୍ ବୟସରୁ ତାଙ୍କର ବିବାହ ହୋଇଥିଲା। ଶାଶୁଘରର ଅବସ୍ଥା ବି ସେତେ ଭଲ ନ ଥିଲା। ତେଣୁ ପରିବାରର ଦୁର୍ବଳ ଆର୍ଥିକାବସ୍ଥାକୁ ସୁଧାରିବା ପାଇଁ ରାଜକୁମାରୀ ୧୯୯୦ ମସିହାରୁ ସ୍ୱାମୀଙ୍କ ସହ ମିଶି ଧାନ ଓ ପନିପରିବା ଚାଷ କରିବା ଆରମ୍ଭ କରିଥିଲେ। ଜୈବିକ ସାର ପ୍ରୟୋଗ କରି ଚାଷ କରୁଥିବାରୁ ତାଙ୍କ ଉତ୍ପାଦିତ ଦ୍ରବ୍ୟର ଭଲ ଚାହିଦା ରହୁଥିଲା। ପରେ ନିଜ ବୁଦ୍ଧି ଖଟାଇ ସେ ଯେଉଁ ପନିପରିବା ଚାଷ କରୁଥିଲେ, ସେଥିରେ ଭିନ୍ନ ଭିନ୍ନ ସ୍ୱାଦର ଆଚାର ତିଆରି କରି ଘର ଲୋକଙ୍କୁ ଖୁଆଇଲେ। ଆଚାର ଭଲ



ରାଜକୁମାରୀ ଦେବୀ

ହୋଇଛି ବୋଲି ଘର ଲୋକ କହିବା ପରେ ତାକୁ ନେଇ କିପରି ବ୍ୟବସାୟ କରିହେବ ସେ ନେଇ ରାଜକୁମାରୀ ଚିନ୍ତା କଲେ। ଏଥିପାଇଁ ସ୍ୱତନ୍ତ୍ର ତାଲିମ ବି ନେଲେ। ତା'ପରେ ଛୋଟ ଛୋଟ ଜରି ପାଉଚ୍‌ରେ ଆଚାର ପ୍ୟାକ୍ କରି ଆଖପାଖ ଅଞ୍ଚଳରେ ନିଜେ ବିକିବାକୁ ମନସ୍ଥ କରି ସାଇକେଲ ଚଲେଇବା ଶିଖିଲେ। ସାଇକେଲରେ ଆଚାର ବିକିବାକୁ ଯାଉଥିବାରୁ ସାହିପଡ଼ିଶା ଲୋକେ ତାଙ୍କୁ ଥଟ୍ଟା ପରିହାସ କରୁଥିଲେ। ହେଲେ କାହାରି କଥାକୁ ଧ୍ୟାନ ନ ଦେଇ ରାଜକୁମାରୀ ନିଜ କର୍ମପଥରେ ଆଗେଇ ଚାଲିଥିଲେ। ଶେଷରେ ତାଙ୍କୁ ତାଙ୍କ ପରିଶ୍ରମର ଫଳ ମିଳିଲା। ଉତ୍ତମ ସ୍ୱାଦ ଯୋଗୁ ତାଙ୍କ ଆଚାରର ଭଲ ଚାହିଦା ହେଲା, ଆଉ ଧୀରେ ଧୀରେ ତାଙ୍କ ଆଚାର ବ୍ୟବସାୟ ବି ବଢ଼ିଲା। ଯେଉଁ ଲୋକ ତାଙ୍କୁ ଥଟ୍ଟା କରୁଥିଲେ ସେମାନେ ତାଙ୍କୁ କ୍ରମେ 'ସାଇକେଲ୍ ଚାଚୀ' ବୋଲି ଡାକିବାକୁ ଲାଗିଲେ। ଆଚାର ବ୍ୟବସାୟ ସାଙ୍ଗକୁ ନୂଆ ନୂଆ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରି ସେ ତାଙ୍କ ଚାଷ କାର୍ଯ୍ୟକୁ ଉନ୍ନତ କରିବା ସହ ସେଥିରୁ ବି ଭଲ ରୋଜଗାର କଲେ। ଯଦ୍ୱାରା ସ୍ଥାନୀୟ ଅଞ୍ଚଳରେ ରାଜକୁମାରୀଙ୍କର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଉଠିଲା। କ୍ରମେ ସେ ଆଖପାଖର ଗରିବ ମହିଳାମାନଙ୍କୁ ବି ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କଲେ। ଚାଷବାସର ଯାହା ବି ଉନ୍ନତ କୌଶଳ ଶିଖୁଥିଲେ ତାକୁ ନିଜ ଭିତରେ ସୀମିତ ନ ରଖି ସେମାନଙ୍କୁ ବି ଶିଖାଇଲେ। ଏପରିକି ଆଚାର କରିବାର ବିଭିନ୍ନ ପଦ୍ଧତି ସାଙ୍ଗକୁ ଛତୁ ଚାଷ, ଛତୁରୁ ବିଭିନ୍ନ ଖାଦ୍ୟ ପଦାର୍ଥ ତିଆରି, ପାମ୍ପଡ଼ ତଥା ପୋହା ତିଆରି ଇତ୍ୟାଦି ବିଷୟରେ ମଧ୍ୟ ମାଗଣାରେ ଶିକ୍ଷାଦାନ ଦେଲେ। ଯଦ୍ୱାରା ଅନେକ ଗରିବ ମହିଳା ସ୍ୱାବଲମ୍ବୀ ହୋଇପାରିଲେ। କ୍ରମେ ରାଜକୁମାରୀ ସେହି ମହିଳାମାନଙ୍କୁ ନେଇ ଏକ ଗୋଷ୍ଠୀ କଲେ ଆଉ କୃଷି ବୈଜ୍ଞାନିକ କେନ୍ଦ୍ର ତରଫରୁ ଯେଉଁଠି ମେଳା ପଡୁଥିଲା, ସେଠାକୁ ଯାଇ ବିଭିନ୍ନ କିସମର ଆଚାର ତଥା ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ବିକିଲେ। ଫଳରେ ତାଙ୍କ ଖାଦ୍ୟ ଜିନିଷର ବିଶେଷକରି ଆଚାରର ଲୋକପ୍ରିୟତା ବଢ଼ିବା ସହ ରାଜକୁମାରୀଙ୍କ ପରିଚିତି ମଧ୍ୟ ବଢ଼ିଲା। ଯେଉଁଥିପାଇଁ ୨୦୦୭ରେ ତାଙ୍କୁ 'କିଷାନ ଶ୍ରୀ' ସମ୍ମାନରେ ସମ୍ମାନିତ କରାଗଲା। ବାସ୍ ତା'ପରଠୁ ରାଜକୁମାରୀ 'କିଷାନ ଚାଚୀ' ଭାବେ ଲୋକମୁଖରେ ପରିଚିତି ହେବାକୁ ଲାଗିଲେ। ରାଜକୁମାରୀ ସବୁବେଳେ ସମୟ ସହ ତାଳଦେଇ ନୂଆ ନୂଆ ପଦ୍ଧତିରେ କାମ କରିବାକୁ ପସନ୍ଦ କରୁଥିଲେ। ପୂର୍ବରୁ ସେ ଏବଂ ତାଙ୍କ ପାଖେ କାମ କରୁଥିବା ମହିଳାମାନେ ଆମ୍ବ, ଲେମ୍ବୁ, ଅଁଳା, ଲଙ୍କା, ଗାଜର ତଥା ବେଲରେ ଆଚାର ତିଆରି କରୁଥିଲେ। ହେଲେ ପରେ ରାଜକୁମାରୀଙ୍କ ଶିକ୍ଷାଦାନରେ ସେମାନେ ଆହୁରି ନୂଆ ନୂଆ ଉପାୟରେ ପ୍ରାୟ ୨୦ ପ୍ରକାରର ଆଚାର ତିଆରି କରି ଦେଶର ବିଭିନ୍ନ ସ୍ଥାନକୁ ବିକ୍ରି ପାଇଁ ପଠାଇଲେ। କିଷାନ ଚାଚୀ ନାଁରେ ବିକ୍ରି ହେଉଥିବା ଏହି ଆଚାରର ସବୁଠି ଭଲ ଚାହିଦା ରହିଲା। ରାଜକୁମାରୀଙ୍କ ପାଇଁ ତାଙ୍କ ଅଞ୍ଚଳର ଅନେକ ମହିଳା ସ୍ୱାବଲମ୍ବୀ ହେବା ସହ ନିଜର ଏକ ପରିଚୟ ଗଢ଼ିପାରିଲେ। ଏଭଳି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶେଷରେ ୨୦୧୯ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ରାଜକୁମାରୀ ପଦ୍ମଶ୍ରୀ ସମ୍ମାନ ଗ୍ରହଣ କରିଥିଲେ ; ଯାହାକି ତାଙ୍କ ପାଇଁ ଓ ତାଙ୍କ ଅଞ୍ଚଳ ଲାଗି ଏକ ଗୌରବର ବିଷୟ ଥିଲା।

## ନିଜେ ନ ପଢ଼ି ବି ଅନେକଙ୍କୁ କଲେ ଶିକ୍ଷିତ

ଗୁଜରାଟର ଗିର୍ ସୋମନାଥ ଜିଲା ଅନ୍ତର୍ଗତ ଜମ୍ବୁର ନାମକ ଏକ ଛୋଟ ଗାଁର ବାସିନ୍ଦା ହେଲେ **ହୀରାବାଈ ଇବ୍ରାହିମ୍ ଲୋବି**। ନିଜେ ପାଠ ଦୁଇ ଅକ୍ଷର ପଢ଼ି ନ ଥିଲେ ସତ ହେଲେ ତାଙ୍କ ପ୍ରୟାସରେ ଶତାଧିକ ମହିଳା ତଥା ଶିଶୁ ଶିକ୍ଷିତ ହୋଇ ରୋଜଗାରକ୍ଷମ ହେବା ସହ ନିଜ ଜୀବନକୁ ସଜାଡ଼ିବାରେ ସଫଳ ହୋଇପାରିଥିଲେ। ହୀରାବାଈଙ୍କର ଏଭଳି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ବି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

୧୯୬୦ ମସିହାରେ ଗୁଜରାଟର ଜମ୍ବୁର ଗାଁରେ ଜନ୍ମିତ ହୀରାବାଈ ଖୁବ୍ ଛୋଟବେଳୁ ବାପାମା' ଛେଉଣ୍ଡ ଥିଲେ। ଜେଜେମା'ଙ୍କ ପାଖେ ରହୁଥିଲେ। ସେ ସିଦ୍ଦି ଜନଜାତିର ଥିଲେ। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ସିଦ୍ଦି ଜନଜାତି ମୁଳତଃ ଏକ ଆଫ୍ରିକୀୟ ଜନଜାତି। ସେମାନଙ୍କ ଭିତରୁ କିଛି ଲୋକ ଆସି ଏହି ସ୍ଥାନରେ ବସବାସ କରୁଥିଲେ। ଗୁଜରାଟର ସବୁଠାରୁ ପଛୁଆ ବର୍ଗର ଥିବା ଏହି ଜନଜାତିର ଲୋକେ ବହୁ ବର୍ଷଧରି ଅଭାବ ଅସୁବିଧାରେ କାଳାତିପାତ କରୁଥିଲେ। ସେମାନଙ୍କ ଉତ୍ଥାନ ପାଇଁ କେହି ପଦକ୍ଷେପ ବି ନେଉ ନ ଥିଲେ। ହୀରାବାଈ ସେଥିରୁ ବାଦ୍ ଯାଆନ୍ତେ ବା କେମିତି। ଛୋଟବେଳୁ ଅଭାବ ଅସୁବିଧାରେ ବଢ଼ି, ଦୁନିଆର ଠୋକର୍ ଖାଇ ଖାଇ ହୀରାବାଈ ନିଜ ମନବଳକୁ କ୍ରମେ ଦୃଢ଼ କରିଥିଲେ। ନିଜ ଜନଜାତି ଲୋକମାନଙ୍କର ଉନ୍ନତି ପାଇଁ ସେ କ୍ରମେ ଆଗକୁ ବାହାରିଲେ। ରେଡିଓ ଶୁଣିବା ତାଙ୍କର ପସନ୍ଦ ଥିଲା। ଏହି ରେଡିଓରୁ ଜୈବିକ ଚାଷ ସମ୍ପର୍କରେ ଶୁଣି ନିଜେ ଚାଷ କରିବା ସହ ଅନ୍ୟମାନଙ୍କୁ ବି ଚାଷ କରିବାକୁ ପ୍ରବର୍ତ୍ତାଉଥିଲେ। କମ୍ ବୟସର ହେଲେ ବି ତାଙ୍କ କଥାର ମହତ୍ତ୍ୱକୁ ବୁଝି ଅନ୍ୟମାନେ ତାଙ୍କ କଥାରେ ରାଜି ହେଉଥିଲେ। ରେଡିଓରେ ଯେଉଁ ସବୁ ସରକାରୀ ଯୋଜନା, ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉଥିଲା ସେ ସମ୍ପର୍କରେ ନିଜ ଲୋକମାନଙ୍କୁ ବୁଝାଇ ତା'ର ସୁବିଧା ନେବାକୁ ବି ପରାମର୍ଶ ଦେଉଥିଲେ। ମାତ୍ର ୧୪ ବର୍ଷ ବୟସରେ ହିଁ ତାଙ୍କର ସେହି ଅଞ୍ଚଳର ଜଣେ ଯୁବକଙ୍କ ସହ ବିବାହ ହେଲା। ବିବାହ ପରେ ବି ସେ ତାଙ୍କର ପ୍ରୟାସ ପୂର୍ବବତ୍ ଜାରିରଖିଲେ। ସବୁବେଳେ ନୂଆ ନୂଆ କଥା ଜାଣିବାର ଜିଜ୍ଞାସା ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରୁଥିଲା। ଶିକ୍ଷାଲାଭ ନ କଲେ ନିଜର କି ନିଜ ଅଞ୍ଚଳର ଉନ୍ନତି ହୋଇପାରିବ ନାହିଁ ବୋଲି ସେ ଭଲ ଭାବେ ହୃଦୟଙ୍ଗମ କରିପାରିଥିଲେ। ସେଥିପାଇଁ ନିଜ ଅଞ୍ଚଳର ଲୋକଙ୍କୁ ଶିକ୍ଷା ହାସଲ କରିବା ପାଇଁ ପରାମର୍ଶ ଦେଉଥିଲେ। ଖାସ୍ କରି ମହିଳା ଓ ଶିଶୁଙ୍କ ଶିକ୍ଷା ପ୍ରତି ସେ ବେଶି ଗୁରୁତ୍ୱ ଦେଉଥିଲେ। କିନ୍ତୁ ତାଙ୍କ ଅଞ୍ଚଳର ଲୋକେ ଏହାକୁ ଘୋର ବିରୋଧ କରୁଥିଲେ ; ଯେଉଁଥିପାଇଁ ହୀରାବାଈଙ୍କୁ ବହୁତ କଥା ଶୁଣିବାକୁ ପଡୁଥିଲା। ତଥାପି ସେ ନଛୋଡବନ୍ଦା ଥିଲେ। ନିଜେ ସିନା ଶିକ୍ଷାଲାଭ କରିପାରିଲେ ନାହିଁ, କିନ୍ତୁ ଅନ୍ୟ ଝିଅମାନଙ୍କର ଜୀବନକୁ ଏମିତି ବରବାଦ କରିବାକୁ ଦେବେ ନାହିଁ ବୋଲି ସେ ସଂକଳ୍ପ ନେଲେ। ବହୁ ଘାତପ୍ରତିଘାତ ସତ୍ତ୍ୱେ ଶେଷରେ ହୀରାବାଈଙ୍କର ବିଜୟ ହେଲା। ଆଉ ତାଙ୍କ ପ୍ରାୟସରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ମହିଳା ତଥା ଶିଶୁ ଶିକ୍ଷାଲାଭ କରିପାରିଲେ। କେବଳ ଶିକ୍ଷା କାହିଁକି ହୀରାବାଈଙ୍କ ଉଦ୍ୟମରେ ତାଙ୍କ ଅଞ୍ଚଳବାସୀଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ତଥା ରୋଜଗାର କ୍ଷେତ୍ରରେ ବି ଅନେକ ସୁଧାର ଆସିଲା। ଯଦ୍ୱାରା ତାଙ୍କ ଅଞ୍ଚଳବାସୀଙ୍କୁ ; ଯେଉଁମାନଙ୍କୁ କେହି ଦିନେ ଭଲ ଦୃଷ୍ଟିରେ ଦେଖୁ ନ ଥିଲେ ସେମାନଙ୍କୁ ଅନ୍ୟମାନେ ଆଦର କରିବାକୁ ଲାଗିଲେ। କେବଳ ସେତିକି ନୁହେଁ, ମହିଳାମାନଙ୍କୁ ସଶକ୍ତୀକରଣ କରାଇବା ପାଇଁ ହୀରାବାଈ ୨୦୦୪ରେ ନିଜ ପ୍ରଚେଷ୍ଟାରେ ଏକ ମହିଳା ବିକାଶ ସଂଘର ମଧ୍ୟ ସ୍ଥାପନା କଲେ। ଏହି ସଂଘ କେବଳ ମହିଳା ନୁହେଁ ଶିଶୁଙ୍କ ବିକାଶ ପାଇଁ ବି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କଲା। ହୀରାବାଈଙ୍କର ଏଭଳି ସଂଘର୍ଷପୂର୍ଣ୍ଣ ପଦକ୍ଷେପ ପାଇଁ ତାଙ୍କର ଖ୍ୟାତି ଚାରିଆଡ଼େ ବ୍ୟାପିବାକୁ ଲାଗିଲା। ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କୁ ସମ୍ମାନିତ ବି କରାଗଲା। ଏପରିକି ୨୦୨୩ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସେ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ବି ପାଇଲେ। କିନ୍ତୁ ଦୁଃଖର ବିଷୟ ଏହି ମହିଳା ଆଉ ଇହଜଗତରେ ନାହାନ୍ତି। ୨୦୨୫ ଜାନୁୟାରୀ ୨୪ ତାରିଖରେ ତାଙ୍କର ଦେହାବସାନ ଘଟିଛି।

କେବଳ ଏମାନେ ନୁହନ୍ତି, ଆହୁରି ବି ଏମିତି ଅନେକ ମହିଳା ଅଛନ୍ତି ; ଯେଉଁମାନେ ବିଭିନ୍ନ କ୍ଷେତ୍ରରେ କିଛି ଉଲ୍ଲେଖନୀୟ କାମ କରି ସମାଜକୁ ଦିଗ୍‌ଦର୍ଶନ ଦେବା ସହ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

**– ଅନ୍ୱିତା ମିଶ୍ର**



ହୀରାବାଈ ଇବ୍ରାହିମ୍ ଲୋବି

# ରାଜାରାଣୀଙ୍କ ପ୍ରିୟ ଖାଦ୍ୟ

**ଇତିହାସ କହେ ଏଇ ଭାରତବର୍ଷର ସୁରକ୍ଷା ପାଇଁ କେତେ ପ୍ରବଳ ପ୍ରତାପୀ ରାଜା ମହାରାଜା ଓ ରାଣୀ ମହାରାଣୀ ନିଜର ଲହୁ ନିଗାଡ଼ିଛନ୍ତି । ସେମାନଙ୍କ ବୀରତ୍ୱର ଗାଥା ଶୁଣିଲେ ଏବେ ବି ଦେହ ରୋମାଞ୍ଚରେ ଭରିଯାଏ। ଆଉ ମନରେ ବେଳେବେଳେ ପ୍ରଶ୍ନ ଆସେ ସେମାନେ ଏମିତି କ'ଣ ଖାଉଥିଲେ ଯେ, ଏତେ ଶକ୍ତିଶାଳୀ ଓ ନିର୍ଭୀକ ହୋଇଥିଲେ। ଜାଣନ୍ତୁ ସେମାନଙ୍କର ପ୍ରିୟ ଖାଦ୍ୟ କ'ଣ ଥିଲା...**


ମହାରାଣା ପ୍ରତାପ

**ମହାରାଣା ପ୍ରତାପ:** ମେୱାରର ରାଜା ମହାରାଣା ପ୍ରତାପ । ସେ ବାରମ୍ବାର ମୋଗଲଙ୍କ ବିରୋଧରେ ସାହସିକତାର ସହ ଲଢ଼ି ମେୱାରର ରକ୍ଷା କରିଥିଲେ । ତାଙ୍କ ବୀରତ୍ୱ ଓ ଶୌର୍ଯ୍ୟର କାହାଣୀ ଇତିହାସରେ ଅମର ହୋଇରହିଛି । ତେବେ ଏହି ମହାପ୍ରତାପୀ ଶାସକଙ୍କୁ ରାଜସ୍ଥାନର ଏକ ଖାଦ୍ୟ ବହୁତ ପସନ୍ଦ ଥିଲା । ତାହା ହେଉଛି 'ବାଟୀ' । ଗହମ ଅଟାରେ ତିଆରି ଏହି ବ୍ୟଞ୍ଜନ ଖୁବ୍ ଟାଣ ଲାଗେ । ଏହାକୁ ଡାଲି, ଚୁର୍ମା ଅବା ଚଟଣୀ ସହ ପରଷାଯାଏ ।

**ଟିପୁ ସୁଲତାନ:** ମହୀଶୂରର ବାଘ ଭାବେ ପରିଚିତ ଟିପୁ ସୁଲତାନଙ୍କୁ ମସଲାଯୁକ୍ତ ଓ ସୁଗନ୍ଧଭରା ଖାଦ୍ୟ ବହୁତ ପସନ୍ଦ ଥିଲା । ତେବେ କୁହାଯାଏ ଯେ, ତାଙ୍କର ସବୁଠାରୁ ବେଶି ପସନ୍ଦର ଖାଦ୍ୟ ଥିଲା 'ମଟନ ବିରୟାନୀ' । ସେ ସମୟରେ ଭାରତରେ ମୋଗଲଙ୍କ ପ୍ରଭାବ ଥିଲା । ତା'ସହ ତାଙ୍କ ଖାଦ୍ୟର ପ୍ରଭାବ ବି ଭାରତୀୟ ଖାଦ୍ୟ ଉପରେ ଥିଲା । ତେଣୁ କୁହାଯାଏ ଟିପୁ ସୁଲତାନଙ୍କ ରାଜକୀୟ ବ୍ୟଞ୍ଜନ ତାଲିକାରେ ମୋଗଲଙ୍କ ଖାଦ୍ୟ ମଟନ ବିରୟାନୀ ବି ସାମିଲ ଥିଲା ।

**ମହାରାଜା ରଣଜିତ ସିଂ:** ପଞ୍ଜାବର ଶେର୍ ଭାବେ ପରିଚିତ ମହାରାଜା ରଣଜିତ ସିଂ ବହୁତ ଖାଦ୍ୟପ୍ରିୟ ଥିଲେ । ତେବେ ତାଙ୍କର ସୁବଠୁ ପ୍ରିୟ ଥିଲା 'ଦାଲ ମଖନୀ', ଯାହାକୁ ବିରି ଓ ରାଜ୍‌ମାରେ ପ୍ରସ୍ତୁତ କରାଯାଏ । ଆଉ ପରଫେକ୍ଟ ସ୍ୱାଦ ପାଇବା ପାଇଁ ଏହାକୁ ବହୁତ ଧିମା ଆଞ୍ଚରେ ରନ୍ଧାଯାଏ ।

**ଚନ୍ଦ୍ରଗୁପ୍ତ ମୌର୍ଯ୍ୟ:** ମୌର୍ଯ୍ୟ ସାମ୍ରାଜ୍ୟର ପ୍ରତିଷ୍ଠାତା ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କୁ ସାଦା ଓ ପୁଷ୍ଟିକର ଖାଦ୍ୟ ପସନ୍ଦ ଥିଲା । ତେବେ ଅନେକଙ୍କୁ ପସନ୍ଦ ନ ଥିବା ଛତୁଆ ଥିଲା ଚନ୍ଦ୍ରଗୁପ୍ତଙ୍କର ଅଧିକ ପ୍ରିୟ । ଆଉ ତାଙ୍କର ପ୍ରତିଦିନର ଖାଦ୍ୟ ଭିତରେ ଛତୁଆ ଯେମିତି ବି ହେଉ ରହୁଥିଲା । ଏଥିରେ ସେ ପାଣି, କିଛି ମସଲା ମିଶାଇ ଖାଉଥିଲେ । ଏହା ତାଙ୍କ ପାଇଁ ଉଭୟ ରିଫ୍ରେଶିଂ ଓ ଏନର୍ଜାଇଜିଂ ମିଲ୍ ଥିଲା ।

**ରାଣୀ ଲକ୍ଷ୍ମୀ ବାଈ:** ଝାନ୍ସୀର ରାଣୀ ଲକ୍ଷ୍ମୀବାଈଙ୍କ ବୀରତ୍ୱର ଗାଥା ସମସ୍ତେ ଜାଣନ୍ତି । ହେଲେ କେହି ଏହା ଜାଣି ନ ଥିବେ କି ଭାରତର ଏହି ସାହସୀ ବୀର କନ୍ୟାଙ୍କର ପ୍ରିୟ ଖାଦ୍ୟ କ'ଣ ଥିଲା ? ତାଙ୍କର ପ୍ରିୟ ଖାଦ୍ୟ ଥିଲା 'ପୁରନ ପୋଲି' । ଏହା ଏକ ପ୍ରକାରର ପରଟା ଭଳି ବ୍ୟଞ୍ଜନ, ଯାହା ଭିତରେ ଚଣା ଡାଲି ଓ ଗୁଡର ଫିଲିଂ ବା ପୂର ଦିଆଯାଏ । ମହାରାଷ୍ଟ୍ରର ଏହା ଏକ ଲୋକପ୍ରିୟ ଖାଦ୍ୟ ।


**କୃଷ୍ଣଦେବ ରାୟ:** ବିଜୟନଗର ସାମ୍ରାଜ୍ୟର ଶାସକ କୃଷ୍ଣଦେବ ରାୟଙ୍କର ପ୍ରିୟ ଖାଦ୍ୟ ଥିଲା 'ପୁଲିୟୋଗେର୍' । ଏହି ଦକ୍ଷିଣ ଭାରତୀୟ ବ୍ୟଞ୍ଜନକୁ ଚାଉଳ, ତେନ୍ତୁଳି, ବାଦାମ ଓ ବିଭିନ୍ନ ପ୍ରକାରର ମସଲାରେ ତିଆରି କରାଯାଏ । କହିବାକୁଗଲେ ଏହା ଏକ ପ୍ରକାରର ପଲଉ, ଯାହାର ସ୍ୱାଦ ଚଟ୍‌ପଟା । ପୁଲିୟୋଗେର୍‌ରେ ବ୍ୟବହୃତ ସୁଗନ୍ଧଭରା ମସଲା ଓ ଏହାର ସ୍ୱତନ୍ତ୍ର ସ୍ୱାଦ ପାଇଁ ହିଁ ଏହା କୃଷ୍ଣଦେବ ରାୟଙ୍କର ଏତେ ପ୍ରିୟ ଥିଲା ।

**ରାଜା ଚୋଳ ୧:** ଚୋଳ ସାମ୍ରାଜ୍ୟର ଏହି ମହାନ୍ ରାଜା ତାମିଲ ବ୍ୟଞ୍ଜନ 'କୁଝି ପନିୟରମ'କୁ ବହୁତ ଖୁସିରେ ଖାଉଥିଲେ । ବିରି ଓ ଚାଉଳକୁ ବଟୁରାଇ, ତାକୁ ବାଟି ପ୍ରସ୍ତୁତ କରାଯାଉଥିବା ଏହି ଖାଦ୍ୟର ବାହାରପଟ କ୍ରିସ୍ପି ହେଲେ ଭିତର ନରମ । ଏହାକୁ ନଡ଼ିଆ ଚଟଣି ଓ ସମ୍ବର ସହ ଖିଆଯାଏ ।


କୃଷ୍ଣଦେବ ରାୟ


ରାଜା ରାଜା ଚୋଳ ୧


ଚନ୍ଦ୍ରଗୁପ୍ତ ମୌର୍ଯ୍ୟ


ରାଣୀ ଲକ୍ଷ୍ମୀ ବାଈ











# ନାଟକ ବିନା ବଞ୍ଚିବା କଷ୍ଟ



ଏକାଧାରରେ ସେ ଜଣେ ନାଟ୍ୟ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକ, ନାଟ୍ୟସଂଗଠକ, ଶିକ୍ଷକ ଓ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର। ପ୍ରାୟ ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ସେ ରଚନା କରିଛନ୍ତି ଶତାଧିକ ନାଟକ। ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ତାଙ୍କୁ ମିଳିଛି ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସମ୍ମାନ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର। ସେ ହେଲେ **ଭାସ୍କର ଚନ୍ଦ୍ର ମହାପାତ୍ର**। ମାତା ଅନ୍ନପୂର୍ଣ୍ଣା ଦେବୀ, ପିତା ମହେନ୍ଦ୍ର ମହାପାତ୍ର । ଜନ୍ମ ବାଲେଶ୍ୱର ଜିଲାର କିଆରପୁରରେ। ସେ କୁହନ୍ତି, 'ମୋ ବାପା ଥିଲେ ଜଣେ ସଂକୀର୍ତ୍ତନ ଗାୟକ, ଯାହାଙ୍କ ପ୍ରଭାବ ପିଲାଟିଦିନରୁ ମୋ ଉପରେ ପଡିଥିଲା । ଆମ ଗାଁରେ ବିଭିନ୍ନ ପର୍ବପର୍ବାଣିବେଳେ ଆୟୋଜିତ ମଞ୍ଚନାଟକରେ ଅଭିନୟ କରୁଥିଲି। ମୋର ଯୁବ ବୟସବେଳେ ମା' ଆରପାରିକୁ ଚାଲିଗଲେ ଓ ବାପା ପକ୍ଷଘାତ ରୋଗରେ ପୀଡ଼ିତ ହେଲେ। ଏମିତି ପରିସ୍ଥିତିରେ ଘରେ ବାପାଙ୍କ ସେବା କରିବା ସହିତ ଚାରିଜଣ ଭାଇଭଉଣୀଙ୍କୁ ପାଠପଢ଼େଇବା ଏବଂ ନିଜେ ପଢ଼ିବା ପାଇଁ ବହୁତ କଷ୍ଟ କରୁଥିଲି। ଦିନରେ ପର କ୍ଷେତରେ ମଜୁରି ଲାଗୁଥିଲି, ରାତିରେ ଗାଁ ପିଲାଙ୍କୁ ଟିଉସନ କରୁଥିଲି। ସେଥିରୁ ଯାହାମିଳେ ବହୁ ଅଭାବ ଅନଟନରେ ଚଳୁଥିଲୁ। ଜଞ୍ଜାଳମୟ ଜୀବନରେ ଟିକେ ଆନନ୍ଦପାଇଁ ନାଟକରେ ଅଭିନୟ କରୁଥିଲି। ସେ ସମୟରେ ସାଙ୍ଗମାନେ ମିଶି ଗୋଟିଏ ନାଟକ କରିବାକୁ ସିଦ୍ଧାନ୍ତ ନେଲୁ। ସେତେବେଳେ ନାଟକ ବହି ମିଳିବା କଷ୍ଟକର ବ୍ୟାପାର। ତେଣୁ ନାଟକ ଦେଖି ଦେଖି ଯାହା ଅଭିଜ୍ଞତା ହୋଇଥିଲା ତାହା ଦ୍ୱାରା ନାଟକଟିଏ ମୁଁ ରଚନା କରିଥିଲି 'ଶକୁନି'। ଯେମିତି ଶକୁନି ନିଜର ଭୁଲ୍ ନ ଥାଇ ତିଳ ତିଳ ହୋଇ ମରିବା ଓ ତା'ର ପ୍ରତିଶୋଧାଗ୍ନି କିପରି ଧର୍ମଯୁଦ୍ଧରେ ପ୍ରଶମିତ ହେଲା ତାହାକୁ ଆଧାର କରି ନାଟକଟି ରଚିତ ହୋଇଥିଲା । ଏଥିରେ ମୁଁ ନିଜେ ଶକୁନି ଭୂମିକାରେ ଅଭିନୟ କରିବା ସହ ନାଟକଟିକୁ ନିର୍ଦ୍ଦେଶନା ମଧ୍ୟ ଦେଇଥିଲି। ୧୯୭୫ରୁ ଆଜି ୨୦୨୫ମସିହା ହୋଇଗଲା, ମୋ ନାଟ୍ୟକାର ଜୀବନର ଏହି ଅର୍ଦ୍ଧ ଶତାବ୍ଦୀର ଇତିହାସକୁ ପରିପୁଷ୍ଟ କରିଛି ମୋ ରଚିତ ୧୨୫ଟି ନାଟକ। ଯାହା ମଧ୍ୟରୁ ୪୧ଟି ଶିଶୁ ନାଟକ, ୪ଟି ଗୀତିନାଟ୍ୟ, ୧୦ଟି ପଥପ୍ରାନ୍ତ ନାଟକ , ୨୦ଟି ଏକାଙ୍କିକା ନାଟକ, ୪୨ଟି ପୂର୍ଣ୍ଣାଙ୍ଗ ନାଟକ। ସେଥିମଧ୍ୟରୁ






୧୬ଟି ନାଟକ ଦୂରଦର୍ଶନରେ ପ୍ରସାରିତ ହୋଇଛି ଓ ୩୦୦ରୁ ଊର୍ଦ୍ଧ୍ୱ ଗୀତିକବିତା ରଚନା କରିଛି। କିନ୍ତୁ ଶିଶୁ ନାଟକଗୁଡ଼ିକ ଏନ୍‌ସିଇଆର୍‌ଟି,ନୂଆଦିଲ୍ଲୀ ଦ୍ୱାରା ଆୟୋଜିତ ଜାତୀୟ ରୋଲ ପ୍ଲେ ମହୋତ୍ସବରେ ପୁରସ୍କୃତ। ସେଥିମଧ୍ୟରେ କଣ୍ଢେଇ, ଖସଡ଼ା ବାଟ, ଛେଳି ,କହ୍ନାଇରେ ଫେରିଆ, ଘାସଫୁଲ ଆଦି ଶିଶୁନାଟକ ରାଜ୍ୟସ୍ତରୀୟ ଶିଶୁନାଟକ ମହୋତ୍ସବ ଦ୍ୱାରା ପୁରସ୍କୃତ। 'ଆମେ ଧରଣୀବୁକର ଶିଶୁ' ସପ୍ତମ ଶ୍ରେଣୀ ପାଠ୍ୟପୁସ୍ତକ ସାହିତ୍ୟ ସୋପାନରେ ସ୍ଥାନିତ । 'ଆମେ ବିଜ୍ଞାନ ଯୁଗର ଝିଅ','ଗାମା' ଆଦି ନାଟକ ମଞ୍ଚରେ ମଞ୍ଚସ୍ଥ। ପୂର୍ଣ୍ଣାଙ୍ଗ ନାଟକ ମଧ୍ୟରେ ପକ୍ଷୀ,ଅଙ୍ଗାର, ଅକ୍ଷିତୃତୀୟା, ସାମନ୍ତ ଚନ୍ଦ୍ରଶେଖର, ଭାବ ବିନୋଦିଆ କଳାଠାକୁର, ଆମେରିକାରୁ ଆମ୍ବତୋଟା, ବାକ୍ସ, ପଥର ଆଦି ନାଟକର ଦର୍ଶକୀୟ ସ୍ୱୀକୃତି ମୋତେ ବହୁତ ଆନନ୍ଦ ଦେଇଛି । ନାଟ୍ୟକାର ଡ. ରତ୍ନାକର ଚଇନି ମୋତେ ଥରେ କହିଥିଲେ 'ଭାସ୍କରବାବୁ ଆପଣ ଭାଗ୍ୟବାନ୍। କାରଣ ଆପଣ ନାଟକ ରଚନା କରୁଛନ୍ତି, ତାକୁ ମଞ୍ଚସ୍ଥ କରିବା ପାଇଁ ଆପଣ ନିଜେ ନିର୍ଦ୍ଦେଶନା ଦେଇ ପାରୁଛନ୍ତି, ତା'ପରେ ଆପଣଙ୍କର ଗୋଟିଏ ନାଟ୍ୟଦଳ ରହିଛି। ତେଣୁ ଆପଣଙ୍କର ଗୋଟିଏ ଗୋଟିଏ ନାଟକ ୧୦ରୁ ଊର୍ଦ୍ଧ୍ୱଥର ବିଭିନ୍ନ ମଞ୍ଚରେ ମଞ୍ଚସ୍ଥ ହୋଇପାରୁଛି। ବାକ୍ସ, କହ୍ନାଇରେ ଫେରିଆ, ଆମେ ଧରଣୀବୁକୁର ଶିଶୁ ଆଦି ନାଟକ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଥର ମଞ୍ଚସ୍ଥ ହୋଇଛି। ପ୍ରାୟ ତିରିଶ, ଚାଳିଶ ବର୍ଷ ତଳେ ଲେଖାଯାଇଥିବା ବାକ୍ସ, ଅକ୍ଷିତୃତୀୟା, ସ୍ତିମିତ ଗୋଧୂଳି, ଶେଷଇଚ୍ଛା, ପଥର ଆଦି ନାଟକ ଏବେବି ଦର୍ଶକଙ୍କୁ ବିମୁଗ୍ଧ କରୁଛି।



ଗୋଟେ ସଫଳ ନାଟକର ସୃଷ୍ଟି ପାଇଁ ଅଭିନେତା, ଅଭିନେତ୍ରୀ, ନିର୍ଦ୍ଦେଶକ, ଦର୍ଶକଙ୍କ ସମ୍ପୃକ୍ତି ନିହାତି ଆବଶ୍ୟକ। ତେଣୁ ନାଟକ ହେଉଛି ଯୌଥକଳା। ବିଶେଷକରି ଜଣେ ନାଟ୍ୟକାରର ମଞ୍ଚ ଅଭିଜ୍ଞତା ରହିବା ଉଚିତ। ନୃତ୍ୟ, ସଙ୍ଗୀତ, ଭାଷା ଓ କୋରିଓଗ୍ରାଫି ସହିତ ସମାଜରେ ଘଟୁଥିବା ବିଭିନ୍ନ ଘଟଣା ବିଷୟରେ ତାଙ୍କର ଅନୁଭୂତି ରହିବା ଉଚିତ। ସମାଜରେ ଘଟୁଥିବା ତଥା ଯେଉଁ ଘଟଣା ମୋ ହୃଦୟକୁ ଆନ୍ଦୋଳିତ କରେ ତାକୁ ନେଇ ବାରମ୍ବାର ମାନସ ମନ୍ଥନ କରିଥାଏ। ସେସବୁକୁ ନେଇ ମନେ ମନେ ଗୋଟେ ସୁନ୍ଦର କାହାଣୀ ଗଢ଼େ । ଯେଉଁ କାହାଣୀରେ ଥାଏ ସମାଜର ବାସ୍ତବ ଚିତ୍ର । ସସ୍‌ପେନ୍‌ସ ଯେପରି ନାଟକର ଶେଷ ମୁହୂର୍ତ୍ତ ଯାଏ ରହିବ, ତା' ଉପରେ ଗୁରୁତ୍ୱ ଦିଏ । ସଂଳାପଗୁଡିକୁ ପାତ୍ରମୁଖୀ କରିବାକୁ ଯଥାସାଧ୍ୟ ଚେଷ୍ଟା କରେ । ଯେହେତୁ ମୁଁ ଜଣେ ଅଭିନେତା ଓ ନିର୍ଦ୍ଦେଶକ ତେଣୁ ଦର୍ଶକଙ୍କୁ ଆଖିଆଗରେ ରଖି ନାଟକ ରଚନା କରେ। ମୋ ଅନୁଭୂତିରୁ କହୁଛି ନିର୍ଦ୍ଦେଶକ ହେବା ଏତେ ସହଜ ନୁହେଁ। ନିର୍ଦ୍ଦେଶକ ହେବା ପାଇଁ ମୁଁ ପ୍ରଥମେ ଅନେକ ନାଟକ ଦେଖେ, ଅନେକ ନାଟକ ପଢ଼େ। ଏ ଭିତରେ ୬ ବର୍ଷ ହିନ୍ଦୁସ୍ଥାନୀ ସଙ୍ଗୀତ ଶିଖିଛି । ୩ ବର୍ଷ ଓଡ଼ିଶୀ ନୃତ୍ୟ ଶିକ୍ଷା କରିଛି । ମଞ୍ଚସଜ୍ଜା ଓ ଆଲୋକ ସମ୍ପର୍କିତ ବିଭିନ୍ନ ପୁସ୍ତକ ପାଠ କରେ । ଆଜିକାଲି ଏସବୁରେ ଅଭାବ ଯୋଗୁ ଦର୍ଶକ ନାଟକଠୁ ଦୂରେଇ ଯାଉଛନ୍ତି। ନାଟକ ଲେଖିବା ଓ ନାଟକ ମଞ୍ଚସ୍ଥ କରିବା ମୋର ଅସ୍ଥିମଜ୍ଜାଗତ ହୋଇଯାଇଛି। ନାଟକକୁ ମୁଁ ମୋ ଜୀବନଠୁ ଅଧିକ ଭଲପାଏ,ଏଣୁ ଜୀବନକୁ ଛାଡି ମୁଁ ବଞ୍ଚିବି କେମିତି ?

ମୋ ମତରେ ପୁରସ୍କାର ଓ ସମ୍ମାନ ନାଟକ ଲେଖିବାକୁ ପ୍ରେରଣା ଯୋଗାଏ। ଆଉ ନାଟକର ପ୍ରଚାରପ୍ରସାର ପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଂସ୍କୃତି ଆଧାରିତ ଅତି କ୍ଷୁଦ୍ର ନାଟକ ପ୍ରତିଯୋଗିତା କରାଯିବା ଅବାଶ୍ୟକ।

–ବନବିହାରୀ ବେହେରା





# ଗୋଟି ମଣିଷ

-ଗାୟତ୍ରୀ ଦାସ

ନୂଆ ଘରକୁ ଆସିବା ଦିନରୁ ରମଣବାବୁ ବଡ଼ ଅଶାନ୍ତିରେ ଦିନ କାଟୁଛନ୍ତି । କି ବେଳାରେ ଏଠି ଘର କଲେ କେଜାଣି, କେଉଁଆଡୁ ଶୁଭଫଳ ଦିଶୁନି । ଅବସର ପରେ ସହରରେ ନିଜର ଘରଟିଏ କରିବାର ସୁଖ ସ୍ୱପ୍ନ ସମସ୍ତଙ୍କର ଥାଏ। ତାଙ୍କର ବି ଥିଲା। ପୁଅ କହିଲା, କୌଣସି ଭଲ ସୋସାଇଟିରେ ଫ୍ଲାଟ୍ ଗୋଟେ କିଣିବା। ମୁଁ ତ ବାହାରେ ରହୁଛି, କମ୍ୟୁନିଟି ଲାଇଫ୍ ଏ ସମୟ ପାଇଁ ଉପଯୋଗୀ। ରମଣବାବୁ ଟିକେ ଚିନ୍ତାକଲେ । ସ୍ତ୍ରୀଙ୍କର ବହୁତ ଦିନରୁ ଇଚ୍ଛା– ନିଜର ଘର ଆଗରେ ଛୋଟ ଫୁଲ ବଗିଚାଟିଏ । ଅନ୍ତତଃ ୮/୧୦ଟି ଫଳଗଛ ସହ ଋତୁକାଳୀନ ପରିବା ଚାରା କେତୋଟି ପାଇଁ ଘର ପଛରେ ଜାଗା ଅଛି। ସାରା ଜୀବନ ତ କଟିଗଲା ସରକାରୀ ବସାଘରେ। ମନସାଧ କେଉଁ ପୂରଣ ହେଲା ଯେ! ସେ ବି ଲେଖକ ଲୋକ। ପ୍ରକୃତି ସହ ଏକାତ୍ମ ହେବା ପାଇଁ ନିରୋଳା ମୁହୂର୍ତ୍ତ କିଛି ଖୋଜିବୁଲିଛନ୍ତି ସାରା ଜୀବନ। ଚାକିରିର ଛକାପଞ୍ଝାରେ କାହିଁ ମିଳିଛି ଅବା! ଅଧିକ ଜମି ଏବଂ ନିରୋଳା ପରିବେଶ ପାଇଁ ସହର ଶେଷ ମୁଣ୍ଡରେ ଏ ଜାଗାଟି କିଣି ଘର କରିଥିଲେ ସେ। ଭିଆଇପି କଲୋନିର ଶେଷ ଘର। ସୁନ୍ଦର ଆଉ ଆଲିସାନ୍। ଏଇଠୁ ଆରମ୍ଭ ବସ୍ତି।

ଘର ଆଉ ବସ୍ତି ରାସ୍ତା ମଝିରେ କ୍ଲବ୍ ଘର । ସବୁବେଳେ କିଛି ନା କିଛି ପୂଜା ପର୍ବ ଚାଲୁଥାଏ। ଲଫଙ୍ଗା ଯୁବକଙ୍କ ଭିଡ଼ । ଅଧିକାଂଶ ପିଲା ମଦ ଆଉ ପାଉଡର ନିଶାରେ ମସ୍ତ। ସଞ୍ଜ ସକାଳେ ମାଇକ୍ ବାଜୁଥାଏ। ହୋହଲ୍ଲା ଚାଲୁଥାଏ। ରମଣବାବୁ ବଡ଼ ବିରକ୍ତ ହୁଅନ୍ତି। ମୁଣ୍ଡବାଳକୁ ବାଁ ଡାହାଣ କାଟି ବରଗୁଣ୍ଡି ନାଲିକରି ବାଇକ୍ ଉପରେ ପାନ , ଗୁଟ୍‌ଖାଖିଆ ଦାନ୍ତ ଦେଖାଇ ବାଜେଗପ ଜମାଇଥିବା ପିଲାଙ୍କୁ ଦେଖିଲେ ତାଙ୍କର ରକ୍ତଚାପ ବଢ଼ିଯାଏ। ଓଃ! ସମାଜର ଗୋଟେ ଯୁବଗୋଷ୍ଠୀ, ଜୀବନକୁ ମାଟି ବି କରିଦିଅନ୍ତି ! ଏମିତି ଏକ ପରିବେଶକୁ ସାମ୍ନା କରିବାକୁ କେବେ ଭାବି ନ ଥିଲେ।

ଝିଅ ତାଙ୍କର ଏବେ ଚାକିରି ପାଇଛି ବ୍ୟାଙ୍କରେ। ଏଇ ପାଖରେ ବ୍ରାଞ୍ଚ। ସ୍କୁଟିରେ ଯାଏ। ତା' ଯିବା ବାଟକୁ ଏ ପିଲା କେତେଟା ଯେମିତି ଡହଳହୋଇ ଚାହିଁ ଥାଆନ୍ତି। କେଉଁଠି ନା କେଉଁଠି ଚମକି ପଡ଼ନ୍ତି ରମଣବାବୁ। ଅସୁରକ୍ଷିତ ଭାବନାଟେ ମନରେ ଉଙ୍କିମାରେ। ଏଇଠି ଜାଗା ନେଇ ଘର କରିବା ନିଷ୍ପତ୍ତି ସତରେ ଭୁଲ୍ ଥିଲା।

ସେଇ ବସ୍ତିର ଆରମ୍ଭରେ ରହନ୍ତି ମହାନ୍ତିବାବୁ। ତାଙ୍କ ଡ୍ରାଇଭରର ଘର ପାଖରେ କିରାଣି । ନୂଆ ପଡ଼ୋଶୀ ଭାବି ଥରେ ଦି'ଥର ଆସିଛନ୍ତି ସମ୍ପର୍କ ତିଆରି କରିବାକୁ। ଅଳ୍ପ କେତେପଦ କଥା ହୋଇ ଗେଟ୍ ଆଗରୁ ବିଦାକରି ଦେଇଛନ୍ତି ତାଙ୍କୁ। ସାମାନ୍ୟ କିରାଣିଟେ ସହ କି ସମ୍ପର୍କ ଯୋଡ଼ିବେ ସେ ? ଯେଉଁ ଘରକୁ କେତେ ଅଫିସର, କବି, ଲେଖକ, ବୌଦ୍ଧିକ ଚେତନାର ମଣିଷଙ୍କ ନିତି ଆତଯାତ, ଏଇ ସାଧାରଣ କିରାଣିଟି କି ମୁଣ୍ଡରେ ମୁଣ୍ଡ !

ପାଖ ବସ୍ତିରେ ସରସ୍ୱତୀ ପୂଜା ଚାଲିଛି । ମନ୍ତ୍ର ସ୍ତୋତ୍ରର ଆବାହନୀ ପରେ ଦିନ ସାରା ପୂରା ସାଉଣ୍ଡରେ ଦୁଇଟି ଗୀତ ରିପିଟ । ଛି ଛି ଛି ରେ ନନୀ, କାଣା ହେଇଗଲା ସଜନୀ ...! କାନରେ ପଶି ଗୀତ ଦୁଇଟି ଘୋଷିହୋଇଗଲାଣି ରମଣବାବୁଙ୍କର। ପୂଜାଦିନ ଯାଇ ସପ୍ତାହେ ବିତିଲାଣି। ବିସର୍ଜନ ହେଉନାହାନ୍ତି ବିଦ୍ୟାଦାତ୍ରୀ। ମାଇକ୍ ଶବ୍ଦରେ ଉଠୁଛି ପଡୁଛି ଚାରିଦିଗ। ଆଉ ସହି ପାରିଲେନି ରମଣବାବୁ। ପ୍ରଶାସନକୁ ଜଣାଇଲେ। ହେଲେ ପ୍ରଶାସନ ନାଚାର। ଏମାନଙ୍କ ସହ ଶତ୍ରୁତା କରାଯାଇ ନ ପାରେ। ଏମାନଙ୍କ ମଧ୍ୟରୁ କେତେଜଣ ପୋଲିସ ଇନ୍‌ଫରମର। ଦରକାର ପଡ଼ିଲେ ପ୍ରଶାସନକୁ ସାହାଯ୍ୟ ମଧ୍ୟ କରନ୍ତି। ରାଗରେ ରକ୍ତ ଚାଉଳ ଚୋବାଇଲେ ରମଣବାବୁ। ଆଚ୍ଛା ଜାଗାରେ ଘର କଲା ମଣିଷ!

ସେଦିନ ବିଳମ୍ବିତ ରାତିରେ ରମଣବାବୁ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କଲେ। ଦେହ ଗୋଟାପଣେ ଝାଳରେ ଭିଜିଗଲା। ବୋଧହୁଏ ହୃଦ୍‌ଘାତ। ଝିଅ ତା' ସାଙ୍ଗ ବାହାଘରରେ ଯୋଗଦେବାକୁ ଯାଇଛି। ପୁଅ ତ ବାହାରେ। ବିକଳହୋଇ ସ୍ତ୍ରୀଙ୍କୁ ପାଖରେ ରହୁଥିବା କେତେଜଣ ବନ୍ଧୁଙ୍କୁ ଫୋନ୍ କରିବାକୁ କହିଲେ। ସ୍ତ୍ରୀ ଭୟରେ ହଡ଼ବଡ଼। ନମ୍ବର ସବୁ କାଢ଼ି ଫୋନ୍ ଲଗାଇଲେ। କାହାର ଫୋନ୍ ବନ୍ଦ ଅଛି ତ କିଏ ଉତ୍ତର ଦେଉନାହିଁ। କିଏ କହୁଛି ମୁଁ ମଧୁମେହ ରୋଗୀ, ଭଲରେ ଦେଖାଯାଉନି ତ କିଏ କହୁଛି ମୋ ପୁଅ ଘରେ ନାହିଁ। ଶେଷରେ ଡ୍ରାଇଭରକୁ ଫୋନ୍ କରି ଗାଡ଼ି ନେଇ ଯିବାକୁ କହିଲେ।

ଆଇସିୟୁରୁ ବାହାରିଲା ବେଳକୁ ରମଣବାବୁ ଦେଖିଲେ ହାତରେ ଫୁଲତୋଡ଼ା ଧରି ସେଇ ବାଲୁଙ୍ଗା ଦଳରୁ କେତେଜଣ ହସହସ ମୁହଁରେ ଠିଆହୋଇଛନ୍ତି। ତାଙ୍କ ପାଖରେ ମହାନ୍ତି ବାବୁ। କିଛି ବୁଝି ନ ପାରି ସେ ଡ୍ରାଇଭର ସୁଜିତ ମୁହଁକୁ ଚାହିଁଲେ। ସୁଜିତ କହିଲା– ସେଦିନ ରାତିରେ ଆପଣ ମୋତେ ଫୋନ୍ କଲେ। ବେଶି କିଛି ଅସୁବିଧା ହୋଇଛି ଭାବି ମୁଁ ଆସିବା ପୂର୍ବରୁ ଆମ କ୍ଲବ୍ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସାହାଯ୍ୟ ପାଇଁ ମେସେଜଟେ ପକାଇଥିଲି। ବ୍ୟକ୍ତିଗତ ଭାବରେ ଫୋନ୍ କରିବାକୁ ସମୟ ନ ଥିଲା। ଗୋଟିଏ ମେସେଜ ପଢ଼ି ସେମାନେ ଡକାଡକି ହୋଇ ୧୦ଜଣ ସେଇ ଅଧରାତିରେ ଦୌଡ଼ି ଆସିଥିଲେ। ଆମ୍ବୁଲାନ୍ସ ଡାକି ଆପଣଙ୍କୁ ଟେକାଟେକି କରି ନେବା ଓ ଆଡ୍‌ମିଟ କରିବାଠାରୁ ରକ୍ତ ଦେଇ ଆପଣଙ୍କ ଗ୍ରୁପ୍‌ର ରକ୍ତ ଯୋଗାଡ଼ ଆଉ ଅପରେଶନ ପର୍ଯ୍ୟନ୍ତ ସବୁ କାମ ଏଇମାନେ ହିଁ କରିଛନ୍ତି।

ଚାରିପାଖକୁ ଚାହିଁଲେ ରମଣବାବୁ । କୁଆଡ଼େ ଗଲେ ତାଙ୍କ ବହୁ ପ୍ରିୟ ବୌଦ୍ଧିକ ଗୋଷ୍ଠୀ ? ଦର୍ଶନ ନ ଥିବା ପ୍ରିୟଜନମାନେ ? ସତରେ, କେତେ ଚତୁର ଭାବରେ ବୌଦ୍ଧିକତା ମାନବିକତାକୁ ଘୋଡ଼ାଇ ପକାଏ। ଆଶ୍ଚର୍ଯ୍ୟ ଆଉ କୃତଜ୍ଞତାର ନୀରବଦୃଷ୍ଟି ପହଁରିଗଲା ସେ ମୁହଁମାନଙ୍କ ଉପରେ।

*–ପପୁଲାର ଷ୍ଟିଲ୍, ଅନୁଗୋଳ*
*ମୋ: ୮୨୪୯୫୮୬୪୩*

# ଶେଷ ରଙ୍ଗକାରର ଆତ୍ମଲିପି

-ସଂଜୟ ଭଞ୍ଜ

ଆଜିକାଲି ପାସୋର ସବୁକିଛି
ପ୍ରଥମ ପ୍ରେମିକାର ହରିଣୀ ଆଖି
ତା' ପର ପ୍ରେମିକାର ଶାବନ ରଙ୍ଗ
ଆଉ ତାପରେ, ତାପରେ ....
କିଏ କେବେ ଆସିଲେ
କିଏ ଚହଁରେଇ ହେଲେ
କିଏ ମୋ ଗୋଲାପି ଓଠରେ ହଜିଲେ
କାହାର ସୁବର୍ଣ୍ଣ ମୁଦ୍ରିକାକୁ ମୁଁ ହଜେଇ ଦେଲି
ମୋର ବାଆଁ ଗାଲର କଳାଦାଗ
ମୋର କୋଲେଷ୍ଟରଲର ମାନକ
ମୋର ବେପରୱାପଣ ସହ
ପାସୋର ସବୁ କିଛି
ଦୁଷ୍ଟ ବ୍ରଣ, ଦୁଃଖି ମନ
ଆଜିବି ସକାଳ ବୁଲାରେ
ଫୁଲର ଫଗୁଣ ସହ ଡାଳ ମାଙ୍କୁଡି ଖେଳିଛି
ବୈଶାଖର ଝାଞ୍ଜିକୁ ଆଉ ସବୁ ଅସଫଳ ପ୍ରେମ ସହ
ରମଦି ଦେଇ
ମୋ ପ୍ୟାଲେଟରେ ରଙ୍ଗ ଭରୁଛି
ମୁଁ ସେହି ଶେଷ ରଙ୍ଗକାର ଯାହାର ପ୍ରତିଟି ଅସଫଳ
ପ୍ରେମକୁ ପାସୋର କରି
ବାର ବାର ଫଗୁଣକୁ ଆଙ୍କିବାର ଅଛି।

*–ନୟାପଲ୍ଲୀ, ଭୁବନେଶ୍ୱର*
*ମୋ :୯୪୩୭୯୩୬୫୮୧*



# ଭୁଲିବେନି ପୂଜା



ପୂଜା

ଐତିହାସିକ ଫିଲ୍ମ 'ମହେଞ୍ଜୋଦାରୋ'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ପୂଜା ହେଗଡେ। ହେଲେ ସେ ଗୋଟିଏ କଥାକୁ ଶେଷ ଜୀବନ ପର୍ଯ୍ୟନ୍ତ ଭୁଲି ପାରିବେ ନାହିଁ। ନିକଟରେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ହ୍ରିତିକ ରୋଶନ ତାଙ୍କୁ ଏକ ଗିଫ୍ଟ ଦେଇଥିଲେ। ତାହା କ'ଣ ଥିଲା ଜାଣନ୍ତି ? ମହେଞ୍ଜୋଦାରୋର ଏକ ପ୍ରତିକୃତି। ସେହି ଗିଫ୍ଟକୁ ଯେତେବେଳେ ସେ ଖୋଲିଦେଲେ ସେତେବେଳେ ତାଙ୍କର ଖୁସିର ସୀମା ରହି ନ ଥିଲା। ଏ ବିଷୟରେ ପୂଜା କହନ୍ତି, 'ନିକଟରେ ଏକ ସାକ୍ଷାତ ଅବସରରେ ହ୍ରିତିକ ମୋତେ ଏକ ଗିଫ୍ଟ ଦେଇଥିଲେ। ଦେବା ସମୟରେ ସେ ମୋତେ କହିଥିଲେ ଯେ, 'ଏହି ଗିଫ୍ଟଟି ମୋ ପାଇଁ ସ୍ପେଶାଲ।' ଘରକୁ ଯିବା ପରେ ଯେତେବେଳେ ତାକୁ ଖୋଲି ଦେଖିଲି ମୋ ଖୁସିର ସୀମା ରହି ନ ଥିଲା। କାରଣ ତାହା ଥିଲା ମହେଞ୍ଜୋଦାରୋର ଏକ ରିପ୍ଲିକା। ଏହି ଗିଫ୍ଟଟିକୁ ମୁଁ ସାରାଜୀବନ ଭୁଲି ପାରିବି ନାହିଁ।' ୨୦୧୬ରେ ପରଦା ଉପରକୁ ଆସିଥିଲା 'ମହେଞ୍ଜୋଦାର', ଯାହାର ନିର୍ଦ୍ଦେଶନା ଦେଇଥିଲେ ଆଶୁତୋଷ ଗୋୱାରିକର। ୨୦୧୨ରେ ତାମିଲ ଫିଲ୍ମ 'ମୁଗାମୋଡି'ରୁ ପୂଜା ଅଭିନୟ ଜୀବନ ଆରମ୍ଭ କରିଥିଲେ। ଏବେ ସେ ଏକାଥରେ ତିନୋଟି ତାମିଲ ଫିଲ୍ମରେ ଅଭିନୟ କରୁଛନ୍ତି।

# ଅଭିନେତ୍ରୀ ହୋଇ ନ ଥିଲେ..

ସୁଭାଷ ଘାଇଙ୍କ 'ସୌଦାଗର'ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିଲା ପରି ପ୍ରଥମ ସିନେମା ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। ତା'ପରେ ସେ କେବେ ପଛକୁ ଫେରି ଚାହିଁ ନ ଥିଲେ। ହଁ, ସେହି ଅଭିନେତ୍ରୀ ଜଣଙ୍କ ହେଲେ ମନୀଷା କୋଇରାଲା। ତା'ପରେ '୧୯୪୨-ଏ ଲଭ୍ ଷ୍ଟୋରି', 'ଅକେଲେ ହମ୍ ଅକେଲେ ତୁମ୍', 'ଅଗ୍ନିସାକ୍ଷୀ', 'ଖାମୋସୀ', 'ଗୁପ୍ତ' ଏବଂ 'ଦିଲ୍ ସେ' ପରି ସିନେମାରେ ସେ ନିଜ ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି। ଗତ ବର୍ଷ ସେ ଅଭିନୟ କରିଥିବା ୱେବ୍ ସିରିଜ୍ 'ହୀରାମଣ୍ଡି'ରେ ତାଙ୍କର ଭୂମିକାକୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ। ହେଲେ ଆକ୍ଟିଂ ଦୁନିଆରେ ପ୍ରବେଶ କରିବା ପୂର୍ବରୁ ତାଙ୍କର ଆଶା ଆଉ କିଛି ଥିଲା। ସେ କଦାପି ଭାବି ନ ଥିଲେ ଯେ ଦିନେ ସେ ଆକ୍ଟିଂକୁ କ୍ୟାରିୟର କରିବେ। ପାଠ ପଢ଼ିବା ସମୟରେ ସେ ଜଣେ ଡାକ୍ତର ହେବାକୁ ଆଶା ରଖିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଅଭିନୟ ମାୟାରେ ଏପରି ପଡିଗଲେ ଯେ, ତାହାଠାରୁ ନିଜକୁ ଦୂରେଇ ନେଇପାରି ନ ଥିଲେ। ଏ ବିଷୟରେ ମନୀଷା କହନ୍ତି, 'ପାଠ ପଢ଼ିବା ସମୟରେ ମୋର ଜଣେ ଡାକ୍ତର ହେବାକୁ ଇଚ୍ଛା ଥିଲା। କିନ୍ତୁ ନେପାଳୀ ଫିଲ୍ମରେ ଅଭିନୟ କରିବା ପରେ ଆକ୍ଟିଂକୁ କ୍ୟାରିୟର କରିବାକୁ ସ୍ଥିର କରିଥିଲି। ତା'ପରେ ଦର୍ଶକଙ୍କ ଅନାବିଳ ଭଲ ପାଇବା ଆଜି ମୋତେ ଜଣେ ଅଭିନେତ୍ରୀ ଭାବରେ ଯଥେଷ୍ଟ ପରିଚୟ ଦେଇପାରିଛି। ଏ ନେଇ ସେମାନଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ।''



ମନୀଷା

# ଯାହା ଭାବୁଥିଲେ କିଆରା



କିଆରା

କିଆରା ଆଡଭାନୀ ଯାହା ଭାବୁଥିଲେ ତାହା ପୂରଣ ହୋଇଛି। ପ୍ରାକୃତିକ ଦୃଶ୍ୟାବଳୀକୁ ନିଜ କ୍ୟାମେରାରେ କଏଦ କରିବାକୁ ସେ ମନ ବଳାଇଥିଲେ। ଯାହାହେଉ ନିକଟରେ ତାହା ପୂରଣ ହୋଇଛି। ପୁଣି ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ସେଗୁଡିକ ବେଶ୍ ଭାଇରାଲ ହୋଇଛି। ଫଟୋଗ୍ରାଫି ପ୍ରତି ଆକର୍ଷିତ ହେବା କିଆରାଙ୍କ ପାଇଁ ନୂଆ କଥା ନୁହେଁ। ପିଲାଟି ଦିନରୁ ତାଙ୍କର ଏଥିପ୍ରତି ଆଗ୍ରହ ଥିଲା। ଏପରିକି ଶୁଟିଂ ସମୟରେ ହେଉ ଅବା ବାହାରକୁ ବୁଲିବାକୁ ଗଲେ ସେ ସାଙ୍ଗରେ କ୍ୟାମେରା ନେବାକୁ ଆଦୌ ଭୁଲି ନ ଥାନ୍ତି। ଏ ନେଇ କିଆରା କହନ୍ତି, ''ଶୁଟିଂରୁ ଫ୍ରି ହେବା ମାତ୍ରେ ମୁଁ ନିକଟସ୍ଥ ମନପସନ୍ଦର ସ୍ଥାନକୁ ଯାଇ ଫଟୋ ଉଠାଇଥାଏ। ଏ ପର୍ଯ୍ୟନ୍ତ ମୁଁ ଯେତେ ଫଟୋ ଉଠାଇଛି ସେଗୁଡିକୁ ଆଲବମ୍‌ରେ ସାଇତି ରଖିଛି। ଭବିଷ୍ୟତରେ ଏଗୁଡିକୁ ନେଇ ଏକ ଫଟୋ ପ୍ରଦର୍ଶନୀ ଆୟୋଜନ କରିବାର ଯୋଜନା ରହିଛି।'' ନିକଟରେ କିଆରାଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ଗେମ୍ ଚେଞ୍ଜର' (ତେଲୁଗୁ)। ୨୦୨୪ ପ୍ରାରମ୍ଭରୁ ଏ ପର୍ଯ୍ୟନ୍ତ ତାଙ୍କର ଗୋଟିଏ ହେଲେ ସିନେମା ପରଦା ଉପରକୁ ଆସିନାହିଁ। ନିର୍ମାଣାଧୀନ 'ୱାର ୨'ରେ ସେ ଅଭିନୟ କରୁଛନ୍ତି।

# ଦୋଛକିରେ ଜାହ୍ନବୀ

ଜାହ୍ନବୀ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ନିକଟରେ ସେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ତାଙ୍କୁ କୁଆଡେ ୩-୪ଟି ଗରମା ଗରମ ଶଟ୍ ଦେବାକୁ ପଡିବ। ଏ ସମ୍ପର୍କରେ ସୂଚନା ପାଇବା ପରେ ତାଙ୍କର ଟେନ୍‌ସନ୍ ବଢ଼ିଯାଇଛି। ଏ ସମ୍ପର୍କରେ ଜାହ୍ନବୀ କହନ୍ତି, 'ମୋର ଏଭଳି ଶଟ୍‌କୁ ନେଇ କାହିଁକି ଏତେ ଆଲୋଚନା ହେଉଛି ତାହା ମୁଁ ଜାଣିପାରୁନାହିଁ। କାହାଣୀ ଅନୁସାରେ ମୋତେ ଶଟ୍ ଦେବାକୁ ପଡିବ। ସବୁଠାରୁ ଖାସ୍ କଥା ହେଲା କାହାଣୀକୁ ରଙ୍ଗୀନ କରିବା ପାଇଁ ଅଯଥା ଦୃଶ୍ୟକୁ ମୁଁ ସବୁବେଳେ ବିରୋଧ କରିଥାଏ। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକା ମିଳିଛି ତାହା ମୋ କ୍ୟାରିୟରକୁ ନୂଆ ମୋଡ ଦେବ ବୋଲି ଆଶା ରଖିଛି। ଅଯଥା ବୋଲ୍ଡ ଶଟ୍ ଦେବା ସପକ୍ଷରେ ମୁଁ ଆଦୌ ନ ଥାଏ। ପୁଣି କେହି କେହି ଏପରି ଶଟ୍ ଦେବା ପରେ ନିଜକୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସଜାଇ ଥାଆନ୍ତି। ହେଲେ ମୁଁ ସବୁବେଳେ ଅଭିନୟ କରୁଥିବା ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକାକୁ ଅଧିକ ଗୁରୁତ୍ୱ ଦେଇଥାଏ। ଏହି ନୂଆ ସିନେମାରେ ମୋର ବୋଲ୍ଡ ଶଟ୍‌କୁ ଅଯଥା ସଂଯୋଗ କରାଯାଇନାହିଁ। ଏହା ଶତ ପ୍ରତିଶତ କାହାଣୀ ସହିତ ଜଡ଼ିତ। ତେବେ ସେପରି ଶଟ୍‌କୁ କିପରି ଦେବି ସେ ନେଇ ଟିକେ ଟେନ୍‌ସନରେ ଅଛି। ଆଶା ରଖିଛି ଏହାକୁ ନେଇ ମୋ ମନରେ ଉଙ୍କି ମାରିଥିବା ପ୍ରଶ୍ନଗୁଡିକର ସମାଧାନ ନିର୍ଦ୍ଦେଶକ ସହଜରେ କରିଦେବେ।' ତେବେ ଏହି ଫିଲ୍ମଟି ଜାହ୍ନବୀଙ୍କ ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।



ଜାହ୍ନବୀ



ରଣବୀର

# ଚାଲିଛି ଟାଇଟଲ ଖୋଜା

ରଣବୀର ସିଂ ଏବେ କ'ଣ କରିବେ ଜାଣିପାରୁନାହାନ୍ତି। କଥା କ'ଣ କି ନିକଟରେ ସେ ଏକ ଆକ୍ସନଭିତ୍ତିକ ଫିଲ୍ମ ସାଇନ୍ କରିଛନ୍ତି। ହେଲେ ଏହାର ଟାଇଟଲ ଫାଇନାଲ ହୋଇନାହିଁ। ଏଥିରେ ସେ କେତୋଟି ଷ୍ଟଣ୍ଟ ଶଟ୍ ଦେବାକୁ ଯାଉଛନ୍ତି। ତେଣୁ ଏ ନେଇ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏ ସମ୍ପର୍କରେ ରଣବୀର କହନ୍ତି, 'ସତ କଥା କହିବାକୁ ଗଲେ ଆକ୍ସନଭିତ୍ତିକ ଫିଲ୍ମରେ ଆକ୍ଟିଂ କରିବାର ମଜା ନିଆରା। ହେଲେ ଏଭଳି କାହାଣୀକୁ ନେଇ ଯେଉଁ ଚଳଚ୍ଚିତ୍ରଟି ପ୍ରସ୍ତୁତ ହେଉଛି ତାହାର ଟାଇଟଲ ଫାଇନାଲ ହେବାକୁ ଆଉ ପ୍ରାୟ ଦୁଇ ସପ୍ତାହ ଲାଗିବ। ଏଥିରେ ମୋତେ କେତୋଟି ଷ୍ଟଣ୍ଟ ଶଟ୍ ଦେବାକୁ ପଡିବ। ତେଣୁ ଏ ନେଇ ଏବେଠାରୁ ପ୍ରସ୍ତୁତ ହେଉଛି।' ତେବେ ଜାଣନ୍ତି କି ରଣବୀର ଜଣଙ୍କର ଫିଲ୍ମ ଦେଖିବାକୁ କେବେ ମିସ୍ କରିନାହାନ୍ତି। ସେ କିଏ ଜାଣନ୍ତି ? ଗୋବିନ୍ଦା। ଗୋବିନ୍ଦା ହେଉଛନ୍ତି ତାଙ୍କର ପସନ୍ଦର ଅଭିନେତା। 'ବ୍ୟାଣ୍ଡ ବାଜା ବାରାତ୍' ପୂର୍ବରୁ ରଣବୀର ଦୁଇଟି ଅଫରକୁ ହାତ ଛଡା କରିଥିଲେ। ରଣବୀର କୁହନ୍ତି, 'ସେହି ଫିଲ୍ମ ଦ୍ୱୟର କାହାଣୀ ମୋତେ ପସନ୍ଦ ଆସି ନ ଥିଲା। ଆଉ ମୋ ମନକୁ ଛୁଇଁଲା ଭଳି କାହାଣୀ ନ ହେଲେ ସେହି ଫିଲ୍ମରେ ଆକ୍ଟିଂ କରିବାକୁ ମୁଁ କେବେ ରାଜି ହୋଇ ନ ଥାଏ।'



'୧୯୯୯' ଫିଲ୍ମର ପୋଷ୍ଟର

# ୧୯୯୯

ଥରେ ମନେ ପକାନ୍ତୁ ନା ୧୯୯୯ମସିହାରେ ଓଡ଼ିଶା ସାମ୍ନା କରିଥିବା ମହାବାତ୍ୟାକୁ। ଏହି ପ୍ରାକୃତିକ ବିଭିଷିକାର ଦୃଶ୍ୟ ଏବେ ମଧ୍ୟ ଅନେକଙ୍କ ମନରେ ସତେଜ ହୋଇ ରହିଛି। ତେବେ ଏହାକୁ ଏବେ ଏକ ଓଡ଼ିଆ ଚଳଚ୍ଚିତ୍ରର ରୂପ ଦିଆଯାଉଛି, ଯାହାର ଟାଇଟଲ ରହିଛି '୧୯୯୯ : ଏକ ସଂଗୁପ୍ତ କାହାଣୀ'। ଉକ୍ତ ଚିତ୍ରଟିର ପ୍ରଯୋଜନା କରିଛନ୍ତି ଡ. ମନୋଜ କୁମାର ମିଶ୍ର। କେବଳ ସେତିକି ନୁହେଁ ସେ ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ, ଗୀତ ରଚନା ମଧ୍ୟ କରିଛନ୍ତି। ପେଶାରେ ସେ ଜଣେ ଡାକ୍ତର ହେଲେ ମଧ୍ୟ ଅଭିନୟ ପ୍ରତି ତାଙ୍କର ବେଶ୍ ରୁଚି ରହିଛି। ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଅମିର ପତି। ମନୋଜ କହନ୍ତି, 'ଏହାର କାହାଣୀକୁ ଚୁଡାନ୍ତ ରୂପରେଖ ଦେବାକୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। କାହାଣୀ ଅନୁସାରେ ସଂଳାପ ଏବଂ ଗୀତ ରଚନା କରାଯାଇଛି। ଫିଲ୍ମଟିକୁ ସବୁ ବର୍ଗର ଦର୍ଶକ ଭରପୂର ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।'' ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବରିଷ୍ଠ ସ୍ୱରକାର ପ୍ରଶାନ୍ତ ପାଢ଼ୀ। ଡ. ମନୋଜ ମିଶ୍ର, ମନୋରମା ମିଶ୍ର, ଅପୂର୍ବ, ଦେବୁ ବ୍ରହ୍ମା, କାଳୀ ଚରଣ ଆଚାର୍ଯ୍ୟ, ମମତା ପାଢ଼ୀ, ନରେନ୍ଦ୍ର ସେନାପତି,ସଞ୍ଜୀବ ପଣ୍ଡା, ପ୍ରିୟଦର୍ଶିନୀ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି। ଫିଲ୍ମଟି ଆସନ୍ତା ମାସରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରଥମ ରୋଜଗାର

# ଦରମାରେ ଗ୍ରାମଦେବୀଙ୍କ ପାଖେ ମାର୍ଜନା ହୋଇଥିଲା



ଯୁଗ୍ମ କମିଶନର (ଜିଏସ୍‌ଟି ) **ଡ. ପଦ୍ମଲୋଚନ ରାଉତ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**କେ**ନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କଣ୍ଡିରା ଗ୍ରାମପଞ୍ଚାୟତର ତୁଳସୀପୁର ଗ୍ରାମରେ ଥିବା ଏକ ସାଧାରଣ କୃଷକ ପରିବାରରେ ମୋ ଜନ୍ମ। ପିଲାଟିବେଳୁ ପାଠପଢ଼ାରେ ଖୁବ୍ ଭଲ ଥିଲି। ପରିବାରର ଦୁର୍ବଳ ଆର୍ଥିକାବସ୍ଥା ପାଇଁ ମୋ ପଢ଼ାଖର୍ଚ୍ଚ ଉଠାଇବାକୁ କ୍ରମେ ପିଲାଙ୍କୁ ଟିଉସନ କରିବା ଆରମ୍ଭ କଲି। ମୋର ଏହି ଅଧ୍ୟବସାୟ ପାଇଁ ଆମ ଅଞ୍ଚଳବାସୀ ମୋତେ ଖୁବ୍ ସ୍ନେହ ଓ ଶ୍ରଦ୍ଧା କରୁଥିଲେ। ସମସ୍ତଙ୍କ ଆଶୀର୍ବାଦ ଯୋଗୁ କ୍ରମେ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର (ଅର୍ଥନୀତି)ରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିବା ପରେ ୟୁଜିସି (ନେଟ୍) ପରୀକ୍ଷାରେ ବି କୃତକାର୍ଯ୍ୟ ହେଲି। ତା'ପରେ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷା ସେବା ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହୋଇ ପ୍ରଥମେ ଭଦ୍ରକ ସରକାରୀ ମହାବିଦ୍ୟାଳୟର ଅର୍ଥନୀତି ବିଭାଗରେ ଫେବୃଆରୀ ୨୦୦୧ ମସିହାରେ ଅଧ୍ୟାପକ ଭାବେ ଯୋଗ ଦେଲି। ସେତେବେଳେ ଅଧ୍ୟକ୍ଷ ଥାନ୍ତି ପ୍ରଫେସର ବସନ୍ତ କୁମାର ଦାସ। ସେ ଜଣେ ଦରଦୀ ମଣିଷ ଥିଲେ। ତତ୍କାଳ ମୋ ରହିବା ପାଇଁ କଲେଜ କ୍ୟାମ୍ପସରେ ସରକାରୀ ବାସଭବନର ସୁବିଧା କରାଇ ଦେଇଥିଲେ। ମୋର ଏହି ଚାକିରି ପାଇଁ ମା', ବାପା, ଭାଇଭଉଣୀ ଅନେକ ଦେବଦେବୀଙ୍କ ନିକଟରେ ମାନସିକ କରିଥିଲେ। ତେଣୁ ପ୍ରଥମ ମାସ ଦରମା ପାଇବା ପରେ ଅଳ୍ପ କିଛି ହାତଖର୍ଚ୍ଚ ପାଇଁ ରଖି ବାକିତକ ଟଙ୍କା ଗାଁକୁ ପଠାଇ ଦେଇଥିଲି। ମା'ବାପା ସେଥିରେ ଗ୍ରାମଦେବୀଙ୍କ ପାଖରେ ମାର୍ଜନା କରିବା ସହ ଗାଁର ପିଲାମାନଙ୍କୁ ମିଠା ବାଣ୍ଟିଥିଲେ। ତା'ସହିତ ଭାଇଭଉଣୀଙ୍କ ପାଇଁ ନୂଆ ଲୁଗାପଟା କିଣିଥିଲେ। ପ୍ରଥମ ମାସର ଦରମା ଏମିତି ଖର୍ଚ୍ଚ ହୋଇଥିଲା। ତା'ପରେ ମୁଁ ପଠାଉଥିବା ୨/୩ ମାସର ଦରମା ଟଙ୍କାକୁ ରଖି ମା'ବାପା ଏକ ଅଷ୍ଟପ୍ରହର ନାମଯଜ୍ଞ କରାଇଥିଲେ। ପରେ ଭଉଣୀମାନେ ବି ମୋ ପାଇଁ ମାନସିକ କରିଥିବା ଅଭିରାମ ମେଳା ଓ ଅନ୍ୟାନ୍ୟ ଦେବଦେବୀଙ୍କ ନିକଟରେ ମଧ୍ୟ ଭୋଗ କରାହୋଇଥିଲା। ଈଶ୍ୱରଙ୍କ ଇଚ୍ଛା ବିନା ଗଛରୁ ପତ୍ରଟିଏ ଝଡ଼େ ନାହିଁ। ମୋ ମା'ବାପା ବହୁତ ସରଳ, ପରୋପକାରୀ ଓ ଈଶ୍ୱର ବିଶ୍ୱାସୀ ଥିଲେ। ସେମାନଙ୍କ ଆଶୀର୍ବାଦ, ସମ୍ପର୍କୀୟ ଓ ଶୁଭେଚ୍ଛୁମାନଙ୍କ ପ୍ରେରଣା ତଥା ଈଶ୍ୱରଙ୍କ କୃପାରୁ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଅଧୁନା ପୁରୀରେ ବାଣିଜ୍ୟ କର ଏବଂ ଦ୍ରବ୍ୟ ସେବା କରର ଯୁଗ୍ମ କମିଶନର ଭାବେ କାର୍ଯ୍ୟ କରୁଅଛି। ବାପା, ମା' ଆଉ ଇହଧାମରେ ନାହାନ୍ତି ସତ ହେଲେ ସେମାନେ ଯେଉଁଠି ଅଛନ୍ତି ଭଲରେ ଥାଆନ୍ତୁ; ଏତିକି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି। ତେବେ ଯେତେବେଳେ ମୁଁ ଅଧ୍ୟାପନା କରୁଥିଲି, ସେତେବେଳେ ଅର୍ଥନୀତି ସମ୍ପର୍କିତ ଅନେକ ଆର୍ଟିକିଲ୍ ଲେଖୁଥିଲି; ଯାହା ବିଭିନ୍ନ ଖବରକାଗଜ ତଥା ଜର୍ନାଲ୍‌ଗୁଡ଼ିକରେ ପ୍ରକାଶିତ ହେଉଥିଲା। କିନ୍ତୁ ଏବେ କାର୍ଯ୍ୟବ୍ୟସ୍ତତା ଯୋଗୁ ଆଉ ଲେଖାଲେଖି କରିବାକୁ ସମୟ ମିଳୁନି। ହେଲେ ଖୁସିର ବିଷୟ ଏହା ଯେ, ଅଧ୍ୟାପନା କଲାବେଳେ ଯୁକ୍ତ ଦୁଇ ଅର୍ଥନୀତି ବିଭାଗର ପିଲାଙ୍କ ପାଇଁ ୪ଟି ପାଠ୍ୟ ପୁସ୍ତକ ରଚନା କରିଥିଲି; ଯାହାକୁ ପିଲାମାନେ ପଢୁଥିଲେ। ସେ କଥା ଭାବିଲେ ଏବେ ବି ମୋ ମନ ଖୁସି ଓ ଆନନ୍ଦରେ ଭରିଯାଏ। ଏଥିସହିତ ମୋର ଏକ ଗବେଷଣାତ୍ମକ ପୁସ୍ତକ ମଧ୍ୟ ପ୍ରକାଶିତ ହୋଇଛି। ଏତଦ୍‌ବ୍ୟତୀତ କେତେକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଓତପ୍ରୋତ ଭାବେ ଜଡିତ ରହି କିଛିଟା ସମାଜମଙ୍ଗଳ କାର୍ଯ୍ୟ କରିବାର ସୁଯୋଗ ପାଉଥିବାରୁ ଖୁସି ଲାଗୁଛି।

## ସାଥୀ

# ସ୍ୱପ୍ନ ସୁନ୍ଦରୀର ତେରେଛା ହସ, ହସ ନୁହେଁ ସେ ତ ପ୍ରେମର ଫାଶ



**ପ୍ରଶ୍ନ**–ମୁଁ ଏବେ କଲେଜରେ ପଢୁଛି। ମୋଠାରୁ ବୟସରେ ବଡ ଜଣେ ଝିଅକୁ ଏକତରଫା ପ୍ରେମ କରିବସିଛି। ଆମର ପ୍ରେମ ଗାଡି ଆଗକୁ ଗଡିବ ତ ?

*–ଜିତେଶ କୁମାର, ଭୁବନେଶ୍ୱର*

**ଉତ୍ତର :** ଗୋଟିଏ ପଟେ କହୁଛନ୍ତି ଯେ, ଆପଣଙ୍କ ପ୍ରେମ ଏକତରଫା। ଏପରି ପ୍ରେମରେ କ୍ଷଣିକ ମଜା ଥାଏ। ହେଲେ ସେହି ମଜା ସବୁବେଳେ ଯେ ମିଳିବ ତାହା ଭାବିବା ଭୁଲ। ତେଣୁ ଯାହାଙ୍କୁ ଏକତରଫା ପ୍ରେମ କରୁଛନ୍ତି ତାଙ୍କ ମନ ଭିତରେ ଆପଣଙ୍କ ପାଇଁ ସ୍ଥାନ ଅଛି କି ନାହିଁ ତାହା ଜାଣି ନିଅନ୍ତୁ। ନ ହେଲେ ଏମିତି ଅନ୍ଧାରରେ ବାଡି ବୁଲାଇଲେ କିଛି ଲାଭ ହେବ ନାହିଁ। ଦୁଇଟି ମନ ଠିକ୍ ଭାବରେ ମିଶିଲେ ସେଥିରୁ ପ୍ରେମର ଅସଲ ମଜା ଅନୁଭୂତ ହୋଇଥାଏ। ତେଣୁ ପ୍ରଥମେ ନିଜ ମନରୁ ଏହି ଏକତରଫା ପ୍ରେମର ଭୂତକୁ ଉତାରି ଦିଅନ୍ତୁ।

**ପ୍ରଶ୍ନ**–ସେହି ସୁନ୍ଦରୀ ହସ ମୋତେ ମତୁଆଲା କରିଛି। ମୋତେ ଲାଗୁଛି ସତେ ଯେମିତି ଆମେ ଦୁହେଁ 'ମେଡ୍ ଫର ଇଚ୍ ଅଦର'। ହେଲେ ସେ ମୋ ମନର କଥାକୁ କେମିତି ବୁଝିବ ?

*–ବିଜୟ, ଢେଙ୍କାନାଳ*

**ଉତ୍ତର :** ସେହି ସୁନ୍ଦରୀର ହସକୁ ଆପଣ ପ୍ରଥମେ ଭଲ ଭାବରେ ଷ୍ଟଡି କରନ୍ତୁ। ଯଦି ସେଥିରୁ ପ୍ରେମର ଝଲକ୍ ପାଉଛନ୍ତି, ତେବେ ବିଳମ୍ବ କରିବା ଅନାବଶ୍ୟକ। କାରଣ 'ସ୍ୱପ୍ନ ସୁନ୍ଦରୀର ତେରେଛା ହସ, ହସ ନୁହେଁ ସେ ତ ପ୍ରେମର ଫାଶ'। ବାସ୍, ସମୟ ସୁବିଧା ଦେଖି ଯାହାକୁ ମନର ମାନସୀ ବୋଲି ଭାବିନେଇଛନ୍ତି ତାଙ୍କୁ ନିଜ ମନ କଥା କହନ୍ତୁ। ଯଦି ଆପଣଙ୍କ କଥା ତାଙ୍କର ମନକୁ ଛୁଇଁଲା, ତେବେ ଜାଣିନିଅନ୍ତୁ ଯେ, ଆପଣ ଖୋଜିବା ଚିଜ ମିଳିଗଲା।

**ପ୍ରଶ୍ନ**–ଜଣେ ଝିଅ ମୋତେ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ତାକୁ ମୁଁ ମୋ ମନର କଥା କହିବାକୁ ଡରୁଛି। ତାକୁ କେମିତି ମନର କଥା କହିବି ଜାଣିପାରୁନାହିଁ।

*–ଜି.ପି. ସାହୁ, କେନ୍ଦ୍ରାପଡା*

ଉତ୍ତର : ପ୍ରେମରେ ଯିଏ ଡରିଗଲା ସିଏ ହାରିଗଲା। ମନର ସାହସ ଏକଜୁଟ୍ କରନ୍ତୁ। ସୁଯୋଗ ପାଇବା ମାତ୍ରେ ତାକୁ ୟୁଟିଲାଇଜ କରନ୍ତୁ! ଯଦି ଏମିତି ଡ଼ରିବେ ଆପଣ ପ୍ରେମ କେମିତି କରିବେ ? ଗ୍ରୀନ୍ ସିଗନାଲ୍ ମିଳିବା ମାତ୍ରେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ। ଯେତେ ବିଳମ୍ବ ନ କରିବେ ଚାନ୍ସଟି ହାତରୁ ଖସି ଯିବାର ସମ୍ଭାବନା ରହିଛି।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*–ଅନିକେତ ଦାସ, ବ୍ରହ୍ମପୁର*

**ଉତ୍ତର :** ବେଳେବେଳେ ସେହି ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ତ ଆଉ କିଏ ଏହାକୁ ନେଗେଟିଭ ଭାବନ୍ତି। ହେଲେ ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛର କାରଣକୁ ଖୋଜନ୍ତୁ ନାହିଁ। ନଖରାମିକୁ ନେଇ ନୋ ଟେନସନ, ଓନଲି ମସ୍ତି !

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ତ ବାହା ହୋଇପାରିଲି ନାହିଁ। ତା' ସାଙ୍ଗଙ୍କୁ ବାହା ହୋଇଛି। ହେଲେ ନିକଟରେ ମୋ ପୂର୍ବ ପ୍ରେମିକା ସହ ଭେଟ ହେବା ପରେ ମୁଁ ପୁଣି ଥରେ ତା' ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ।

*–ସୁଜିତ, ରାଉରକେଲା*


**ଉତ୍ତର :** କଥାରେ ଅଛି–ଆପଣା ହସ୍ତେ ଜିହ୍ୱା ଛେଦି, କେ' ତା'ର ଅଛି ପ୍ରତିବାଦୀ'। ଆପଣ ବିବାହିତ। ହେଲେ ପୁଣି ଥରେ ନିଜର ପୂର୍ବତନ ପ୍ରେମିକା ପ୍ରେମରେ ପଡିଗଲେଣି। ତେଣୁ ଏହାର ପରିଣାମ କ'ଣ ହେବ ଚିନ୍ତା କରନ୍ତୁ। ଜୋସ୍‌ରେ ସିନା ସେହି ପ୍ରେମିକା ସହ ପୁଣି ଥରେ ପ୍ରେମର ମଜା ନେବେ, ହେଲେ ଏହା ଦିନେ ପରମାଣୁ ବୋମା ପରି ଆପଣଙ୍କ ବୈବାହିକ ଜୀବନକୁ ଧ୍ୱଂସ କରିଦେବ। ତେଣୁ ବେଳ ଥାଉ ଥାଉ ସେହି ରାସ୍ତାରୁ ଓହରି ଆସନ୍ତୁ।


# ଶୁଭ୍ରାଂଶୁଙ୍କ ରଙ୍ଗ କୁହୁକ



**ପ୍ର**କୃତିର ନୈସର୍ଗିକ ଶୋଭାକୁ, ମଣିଷକୁ, ପାରିପାର୍ଶ୍ୱିକ ସମସ୍ୟାକୁ ନିଜ ଚିତ୍ରରେ ଅତ୍ୟନ୍ତ ବିଚକ୍ଷଣ ଢଙ୍ଗରେ ପ୍ରତିଫଳିତ କରିପାରୁଥିବା ଚିତ୍ରଶିଳ୍ପୀ **ଶୁଭ୍ରାଂଶୁ ମିଶ୍ର** ବୃତ୍ତିରେ ଜଣେ ଇଞ୍ଜିନିଅର । ପାଠ ପଢା ସହ ଚିତ୍ରକୁ ସମୁଚିତ ନ୍ୟାୟ ଦେଇପାରୁଥିବା ଏହି ଯୁବ ଚିତ୍ରଶିଳ୍ପୀ ଜଣକ ନିଜ ଅଞ୍ଚଳ, ରାଜ୍ୟ ତଥା ଦେଶ ପାଇଁ ଅର୍ଜନ କରିଛନ୍ତି ଅଜସ୍ର ଯଶ ଓ ସମ୍ମାନ । ପିତା ବ୍ୟବସାୟୀ  ସୂର୍ଯ୍ୟ ନାରାୟଣ ମିଶ୍ର, ମାଆ ପ୍ରଣତି ମିଶ୍ରଙ୍କ ପୁତ୍ର ଶୁଭ୍ରାଂଶୁଙ୍କ ଜନ୍ମ ଫେବୃଆରୀ ୨୦୦୨ ମସିହାରେ ।  ବାଲ୍ୟକାଳରୁ  ପ୍ରତ୍ୟୁତ୍ପନ୍ନମତି ଶୁଭ୍ରାଂଶୁଙ୍କ  ଆଗ୍ରହ ଜନ୍ମିଥିଲା ଚିତ୍ର ପ୍ରତି । ସେ କୁହନ୍ତି , ‘ମାଆଙ୍କ ହାତ ତିଆରି ମାଣବସା ଝୋଟି, ମୁରୁଜ ପକା ତାଙ୍କୁ ଆକର୍ଷିତ କରୁଥିଲା ଖୁବ୍ । ଝୋଟି ଅଙ୍କାରେ ମାଆ ସୋଦୁଅରେ ବିନ୍ଦୁମାନ ଦେଇ କୁନି ଶୁଭ୍ରାଂଶୁଙ୍କୁ ଯୋଡ଼ିବାକୁ କହୁଥିଲେ । ବିନ୍ଦୁକୁ ବିନ୍ଦୁ ଯୋଡ଼ି ଉତ୍ତାରୁଥିବା ଝୋଟି ଚିତା ଶୁଭ୍ରାଂଶୁଙ୍କୁ ମୁଗ୍ଧ କରୁଥିଲା । ଚିତ୍ରକଳାର ପ୍ରଥମ ପାଠଶାଳା ଥିଲା ଘରର ଅଗଣା ଯେଉଁଠି ମାଆଙ୍କ ସହ ଆନନ୍ଦରେ ଚିତା ଆଙ୍କୁଥିଲେ ଶୁଭ୍ରାଂଶୁ । ପରେ ପରେ  ପ୍ରକୃତିର ସୁନ୍ଦରତା ତାଙ୍କ କୋମଳ ମନକୁ ଏତେ ବେଶି ଆଚ୍ଛନ୍ନ କରିରଖିଲା ଯେ ଗଛ , ପତ୍ର , ଫୁଲ , କଢ଼ , ପଶୁପକ୍ଷୀ , ସୂର୍ଯ୍ୟ , ଚନ୍ଦ୍ର , ତାରା , ନଦୀ ଓ ଆକାଶ ସବୁ ପାଲଟିଗଲେ ତାଙ୍କ ଚିତ୍ର ଅଙ୍କାର ଉପାଦାନ  । ଚିତ୍ର ପ୍ରତି ତାଙ୍କର ଅସୀମ ଆଗ୍ରହ , ଏକାଗ୍ରତା , ତାଙ୍କର ଚିତ୍ରକୁଶଳୀ ହାତ ଦେଖି ବାପା ସୂର୍ଯ୍ୟ ନାରାୟଣ ଆନୁଷ୍ଠାନିକ ଭାବରେ ଚିତ୍ର ଶିଖିବାକୁ ପ୍ରୋତ୍ସାହିତ କରିଥିଲେ ଚିତ୍ରପ୍ରେମୀ ପୁଅକୁ । ଶୁଭ୍ରାଂଶୁ କୁହନ୍ତି , ‘‘ବ୍ୟସ୍ତ ବ୍ୟବସାୟୀ ହୋଇଥିବା ସତ୍ତ୍ୱେ ମୋତେ ଡ୍ରଇଂ ସ୍କୁଲକୁ ନେବା ଓ ଶ୍ରେଣୀ ସମାପ୍ତି ଯାଏଁ ଅପେକ୍ଷା କରି ସାଙ୍ଗରେ ଧରି ଫେରିବା ଭଳି କାମ କେବଳ ବାପା କରୁନଥିଲେ ଅଧିକନ୍ତୁ ଚିତ୍ର ଶିକ୍ଷକ ଦେଉଥିବା ଗୃହ କାର୍ଯ୍ୟ , ପ୍ରସ୍ତାବନାକୁ ମୁଁ ବୁଝିପାରିଲା ଭଳି ବୁଝଉଥିଲେ । କରୁଥିବା ଚିତ୍ରଟିର ସମ୍ପୂର୍ଣ୍ଣତାକୁ ସେ ବାରିପାରୁଥିଲେ । ମୋ ଅଙ୍କିତ ଚିତ୍ରର ନିଖୁଣତା ତାଙ୍କ ଆଖିରେ ଖୁସିର ରଙ୍ଗ ମାଖୁଥିଲା ଯାହା ମୋତେ ବେଶି ଚିତ୍ରମନସ୍କ କରୁଥିଲା ।’’ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢୁଥିବା ପିଲାମାନେ ଦିନ ରାତି ପାଠ୍ୟକ୍ରମ ଭିତରେ ନିଜକୁ ଆବଦ୍ଧ କରୁଥିଲାବେଳେ ଶୁଭ୍ରାଂଶୁଙ୍କ ଅଭିଭାବକ ତାଙ୍କ ମନକୁ  ଉଭୟ ପାଠ୍ୟ ବିଷୟ ଏବଂ ଚିତ୍ର ପ୍ରତି ସମଯୋଜିତ କରି ରଖୁଥିଲେ ।  ସେହି ଦୃଷ୍ଟିକୋଣରୁ ସେ ଜଣେ ଭାଗ୍ୟବାନ ଛାତ୍ର ବୋଲି ହସିକି କୁହନ୍ତି । ଭୁବନେଶ୍ୱରସ୍ଥ କଳିଙ୍ଗ ନଗର ଡିଏଭିରେ ଅଧ୍ୟୟନରତ ଥିବାବେଳେ ଦୁଇ ଦୁଇଥର ଅଲରାଉଣ୍ଡର ହେବାସହ ଶୁଭ୍ରାଂଶୁ କ୍ରମାଗତ ଭାବରେ ୨୦୧୧ରୁ ୨୦୧୯ ପର୍ଯ୍ୟନ୍ତ ଚିତ୍ରାଙ୍କନ ପ୍ରତିଯୋଗିତାରେ  ପ୍ରଥମ ସ୍ଥାନ ଗ୍ରହଣ କରି ବିଦ୍ୟାଳୟରେ ଚର୍ଚ୍ଚିତ ହୋଇଥିଲେ ।

ଓଡିଶା ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଅଣ୍ଡ ରିସର୍ଚ୍ଚର ଇଲେକ୍ଟ୍ରିକାଲ  ବିଭାଗରେ ଇଞ୍ଜିନିୟରିଂ ପଢିଥିବା ସମ୍ପ୍ରତି ଅହମଦାବାଦରେ ଏଲ ଆଣ୍ଡ ଟି କମ୍ପାନୀରେ ଚାକିରୀ କରୁଛନ୍ତି ।





ଅବସର ସମୟରେ ଲାଇଭ ପେଣ୍ଟିଂ କରିବା ସହ ଚିତ୍ରକୁ ନେଇ ବିଭିନ୍ନ ପରୀକ୍ଷାମୂଳକ କାମ ବି କରୁଛନ୍ତି । କୀଟପତଙ୍ଗ ଠାରୁ ଆରମ୍ଭ କରି ପାହାଡ଼, ଝରଣା, ଜଙ୍ଗଲ, ମଣିଷ ସବୁକୁ ନିଖୁଣ ଓ ଜୀବନ୍ତ ଭାବରେ ଆଙ୍କିବାକୁ ଚେଷ୍ଟା କରନ୍ତି ସେ । ଆଙ୍କିବାକୁ ଥିବା ଚିତ୍ରକୁ ମନରେ ରଖି କାଗଜ ଓ କାନଭାସରେ ଜୀବନ୍ତ ଉତ୍ତାରିବାକୁ ଚାହାନ୍ତି  । ପେନ୍‌ସିଲ, ଚାରକୋଲ, ଜଳରଙ୍ଗ, ପୋଷ୍ଟର ରଙ୍ଗ , ଆର୍କଲିକ୍ ଓ ତୈଳ ରଙ୍ଗକୁ ମାଧ୍ୟମ କରି ଚିତ୍ର ଆଙ୍କନ୍ତି ଶୁଭ୍ରାଂଶୁ ବେଶ୍ ବାସ୍ତବିକ ଓ ଅବିକଳଭାବେ । ରଙ୍ଗର ସାଙ୍କେତିକତା ଓ ତାର ପ୍ରୟୋଗକୁ ନେଇଥିବା ପ୍ରଶ୍ନର ଉତ୍ତରରେ ସେ କୁହନ୍ତି , ‘ମୁଁ ମୋ ହିସାବରେ ରଙ୍ଗର ପ୍ରୟୋଗ କରେ । ରଙ୍ଗର ବ୍ୟାକରଣକୁ ସବୁବେଳେ ଗ୍ରହଣ କରିପାରେନି । ନାଲି ରଙ୍ଗ ବିପଦର ସଙ୍କେତ ହୋଇଥିଲାବେଳେ ମୁଁ ତାକୁ ପ୍ରେମର ରଙ୍ଗ କରି ଆଙ୍କେ । ରଙ୍ଗର ନିଜର ଗୋଟେ ଭାଷା ଅଛି ଯାହା ସ୍ୱତଃ ଚିତ୍ରରେ ପ୍ରସ୍ଫୁଟିତ ହୁଏ । ସାହିତ୍ୟ ଓ ଚିତ୍ରକୁ ନେଇ ଥିବା ପ୍ରଶ୍ନର ଉତ୍ତରରେ ଶୁଭ୍ରାଂଶୁ କୁହନ୍ତି, ‘ସାହିତ୍ୟରେ ଥିବା ଶବ୍ଦ ଓ ବର୍ଣ୍ଣନା ମୋତେ ପ୍ରକୃତିର ପରିଭାଷା ଓ ଦିଗ ଦେଖେଇବାରେ ସହାୟକ ହୋଇଛି । ଚିତ୍ର ଆଙ୍କିବା ବେଳର ତଲ୍ଲୀନତା ମତେ ମେଡିଟେସନର ପ୍ରଶାନ୍ତି ଦିଏ ।’ ଭାରତ ସରକାର , ରାଜ୍ୟ ସରକାରଙ୍କ ଅନେକ ବିଭାଗ ଦ୍ୱାରା ଆୟୋଜିତ ଗଠନମୂଳକ, ସଚେତନତାଧର୍ମୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅନେକ ବାର ଶୁଭ୍ରାଂଶୁ ପୁରସ୍କୃତ , ସମ୍ବର୍ଦ୍ଧିତ ହୋଇଛନ୍ତି । ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ତାଙ୍କ କୃତର ତାଲିକା ଖୁବ୍ ଦୀର୍ଘ । ଚାଳିଶରୁ ଉର୍ଦ୍ଧ୍ୱ ଦେଶର ପ୍ରତିଯୋଗୀକୁ ନେଇ ଆୟୋଜିତ ପିକାଶୋ କଳା ପ୍ରତିଯୋଗିତା ୨୦୧୭ ,୨୦୧୯ରେ ଶୁଭ୍ରାଂଶୁ ଏକ ମାତ୍ର ଓଡିଆ ପ୍ରତିଯୋଗୀ ହିସାବରେ ପ୍ରଥମ ସ୍ଥାନ ଗ୍ରହଣ କରି ଓଡିଶା ଓ ଭାରତ ପାଇଁ ଯେତିକି ଗର୍ବ ଆଣି ଦେଇଛନ୍ତି ସେତିକି ଆନନ୍ଦ ଦେଇଛନ୍ତି, ଓଡିଶାକୁ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଦ୍ୱାରା ଜାତୀୟ ସ୍ତରରେ ଆୟୋଜିତ ପ୍ରତିଯୋଗିତାରେ ପ୍ରଥମ ହୋଇ ଏକଲକ୍ଷ ଟଙ୍କା ନଗଦ ପୁରସ୍କାର ଓ ପ୍ରମାଣପତ୍ର ଗ୍ରହଣ କରି । ସୌରା ଆଦିବାସୀ , ଓଡ଼ିଶାର ଲୋକକଳାର ବିକାଶ ଓ ଗବେଷଣା ନିମନ୍ତେ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ବୃତ୍ତି , ପେଟ୍ରୋଲ ସଂରକ୍ଷଣ ଗବେଷଣା ପ୍ରତିଷ୍ଠାନ ତରଫରୁ ଜାତୀୟ ସ୍ତରର ଚିତ୍ରକଳା ପ୍ରତିଯୋଗିତାରେ ପୁରସ୍କାର, ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ ଦ୍ୱାରା ଆୟୋଜିତ ସମ୍ମିଳନୀରୁ ପୁରସ୍କାର, ଭାରତ ସରକାରଙ୍କ ସେଣ୍ଟର ଫର କଲଚରାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂରୁ ଚିତ୍ରରେ ବିଚକ୍ଷଣତା ପାଇଁ ସମ୍ମାନ, ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରରେ ଆୟୋଜିତ ପ୍ରତିଯୋଗିତାରେ ତିରିଶ ହଜାର ଟଙ୍କାର ପୁରସ୍କାର, କଳାକ୍ଷେତ୍ରରେ କୃତି ପାଇଁ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର, ଓଡ଼ିଶା ସରକାରଙ୍କ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ୨୦୨୩ରେ ଚିତ୍ରଶିଳ୍ପୀ ପ୍ରତିଭା ସମ୍ମାନ, ଚିତ୍ରକଳା କ୍ଷେତ୍ରରେ କୃତି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଠାରୁ ସମ୍ମାନ , ବିଭିନ୍ନ ଅନୁଷ୍ଠାନ ,ସଂସ୍ଥା ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ । ଅତି କମ୍ ବୟସରୁ ନିଜର ମେଧା ଓ କୃତି ବଳରେ ଶୁଭ୍ରାଂଶୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ଜଳ , ଜଙ୍ଗଲ, ମୃତ୍ତିକା, ପେଟ୍ରୋଲ ସଂରକ୍ଷଣ ହେଉ କି ସ୍ୱଚ୍ଛ ଭାରତ ଅଭିଯାନ ଅଥବା ସ୍ୱାସ୍ଥ୍ୟ ସଚେତନତାରେ ନିଜ ମତାମତକୁ ଅତ୍ୟନ୍ତ ଗଠନମୂଳକ ଭାବରେ ଚିତ୍ରରେ ପ୍ରତିପାଦିତ କରିବାରେ ସଫଳ ହୋଇଛନ୍ତି ଶୁଭ୍ରାଂଶୁ । ଛାତ୍ରାବସ୍ଥାରୁ ସାମାଜିକ କାର୍ଯ୍ୟରେ  ସକ୍ରିୟ  ସେ ।  ବିଭିନ୍ନ କ୍ଲବ, ଅନୁଷ୍ଠାନରେ କେଉଁଠି କାର୍ଯ୍ୟନିର୍ବାହୀ ସଦସ୍ୟ ତ କେଉଁଠି ପରିଚାଳକ , ସଭାପତି ରହିଛନ୍ତି ସେ । ସାମାଜିକ ସଚେତନତା ପାଇଁ ସାଙ୍ଗସାଥିଙ୍କ ସହ କାମ କରୁଥାନ୍ତି ସେ । ଶୁଭ୍ରାଂଶୁଙ୍କ ଚିତ୍ର କଥା କହେ । ତାଙ୍କ ଅଙ୍କିତ ଚିତ୍ର ଦେଖି ଯେକେହି ଶୁଭ୍ରାଂଶୁଙ୍କ ଚିତ୍ର ପ୍ରତି ନିଷ୍ଠା , ଅନୁରାଗ , କୁଶଳୀ ହାତର ବିଚକ୍ଷଣ ଦକ୍ଷତା  କଳନା କରିପାରିବେ ଏବଂ ତାଙ୍କୁ ନେଇ ଗର୍ବିତ ଅନୁଭବ କରିପାରିବ । ଚିତ୍ରକୁ ନେଇ ଭବିଷ୍ୟତ ପାଇଁ କିଭଳି ସ୍ୱପ୍ନ ଆଙ୍କନ୍ତି ପ୍ରଶ୍ନରେ ସେ କୁହନ୍ତି , ‘‘ନିଜର ଗୋଟିଏ ଉତ୍ତମ ମାନର ଷ୍ଟୁଡିଓ କରିବାର ଇଚ୍ଛା ଅଛି ଯେଉଁଠାରେ ମୁଁ ଚିତ୍ର ପ୍ରତି ଆଗ୍ରହୀ ଶିକ୍ଷାର୍ଥୀଙ୍କୁ ନେଇ କାମ କରନ୍ତି । ଚିତ୍ରରେ ଅଭିନବତ୍ୱ ଦେଇ ଆନ୍ତର୍ଜାତୀୟ ସ୍ତରରେ ଓଡିଶା ପାଇଁ ପ୍ରତିନିଧିତ୍ୱ କରନ୍ତି ଏବଂ ଚିତ୍ରର ଜଗତରେ ଶାନ୍ତିରେ ରୁହନ୍ତି ।’’



**– ମାନମୟୀ ରଥ**
–ସେଣ୍ଟ ଜାଭିୟର୍ସ କିଡ୍ସ, ବାଲିପୁଟ, ପୁରୀ
ମୋ: ୭୯୭୮୫୭୯୩୯୯



ସୋନାଲିସା

# ହାଃ ହାଃ

## କବାଡ଼ିବାଲା

ସ୍ତ୍ରୀ ସ୍ୱାମୀଙ୍କୁ: ଜାଣିଛ, ତୁମ ସାଙ୍ଗ ସହ କାଲି ଦେଖା ହେଇଥିଲା । ସେ ମୋ ସୁନ୍ଦରତାର ବହୁତ ପ୍ରଶଂସା କଲା ।

ସ୍ୱାମୀ: ଗୋପୀ ସହ ତୁମର ଦେଖାହେଇଥିଲା କି ?

ସ୍ତ୍ରୀ: ତମେ କେମିତି ଜାଣିଲ ?

ସ୍ୱାମୀ: ସେ ତ କବାଡ଼ିବାଲା । ତାକୁ ସବୁ ପୁରୁଣା ଓ ଭଙ୍ଗା ଜିନିଷ ସୁନ୍ଦର ଦେଖାଯାଏ । ସେଇଥିରୁ ଅନୁମାନ କଲି ।

## ପାଉଡର

ଦୋକାନୀ: ଆଜ୍ଞା ଅସରପା ପାଇଁ ନୂଆ ପାଉଡର ଆସିଛି, ନେବେ କି ?

ବ୍ୟକ୍ତି: ନା ନା, ଆମେ ଅସରପାକୁ ଏତେ ଗେହ୍ଲା କରୁନା । ଆଜି ଯଦି ପାଉଡ଼ର ଦେବି କାଲି ପୁଣି ପରଫ୍ୟୁମ ମାଗିବ ।

## ଜେଲ୍

ମନୋଜ ରାଜୁକୁ: ତୋ ଭାଇ ଏବେ କ'ଣ କରୁଛି ?

ରାଜୁ:ଗୋଟେ ଦୋକାନ ଖୋଲିଥିଲା । ସେଥିପାଇଁ ଏବେ ସେ ଜେଲ୍‌ରେ ଅଛି ।

ମନୋଜ: ଦୋକାନ ଖୋଲିବାରୁ ଜେଲ୍ ! ହେଲେ କାହିଁକି ?

ରାଜୁ: ମୋ ଭାଇ ଅନ୍ୟଜଣଙ୍କ ଦୋକାନର ତାଲାକୁ ହାତୁଡ଼ିରେ ପିଟି ପିଟି ଖୋଲିଥିଲା ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ ଫଟୋ ସୌଜନ୍ୟ: **ଓଡ଼ିଶା ଫ୍ୟାଶନ ଭିଲ୍ଲା**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

# ଅନନ୍ୟ ପର୍ଯ୍ୟଟନସ୍ଥଳୀ

# ତାରାପୀଠ ମନ୍ଦିର









**ପଶ୍ଚିମବଙ୍ଗର ବୀରଭୂମ ଜିଲା ଅନ୍ତର୍ଗତ ଏକ ସହର ହେଉଛି ତାରାପୀଠ। ଏହି ସହରରେ ଥିବା ତାରାପୀଠ ମନ୍ଦିର ହେଉଛି ଏକ ପବିତ୍ର ତୀର୍ଥକ୍ଷେତ୍ର। ମା'ତାରାଙ୍କୁ ସମର୍ପିତ ଏହି ମନ୍ଦିରର ଅପୂର୍ବ ଶୋଭାରାଜି ଭକ୍ତଗଣଙ୍କୁ ଖୁବ୍ ଆକୃଷ୍ଟ କରିଥାଏ...**

ପବିତ୍ର ତାରାପୀଠ ମନ୍ଦିର ପଶ୍ଚିମବଙ୍ଗର ବୀରଭୂମ ଜିଲା ଅନ୍ତର୍ଗତ ତାରାପୀଠ ନାମକ ସହରରେ ଅବସ୍ଥିତ। ଏହି ମନ୍ଦିରରେ ଦେବୀ ତାରାଙ୍କୁ ପୂଜା କରାଯାଇଥାଏ ; ଯିଏକି ଖୁବ୍ ପ୍ରତ୍ୟେକ୍ଷା। ଏହାକୁ କେହି କେହି ଶକ୍ତି ପୀଠ ବୋଲି ବି କହିଥାନ୍ତି। ତେଣୁ ମା'ଙ୍କ କରୁଣା ଲଭିବାକୁ ବର୍ଷସାରା ଏଠାରେ ଭକ୍ତଗଣଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ।

**ମନ୍ଦିରର ବାସ୍ତୁକଳା**

ସ୍ୱତନ୍ତ୍ର ନାଲି ଇଟାରେ ତିଆରି ଏହି ମନ୍ଦିରରେ ମା'ଙ୍କର ଏକ ଭବ୍ୟ ପ୍ରତିମା ଦେଖିବାକୁ ମିଳିଥାଏ। ସେହିପରି ତିନି ଫୁଟ ଉଚ୍ଚତା ବିଶିଷ୍ଟ ମା'ଙ୍କର ଆଉ ଏକ ପ୍ରତୀମା ବି ଏଠାରେ ପୂଜା କରାଯାଇଥାଏ ; ଯେଉଁଥିରେ ମା'ଙ୍କର ଚାରି ଭୂଜା ରହିଛି, ବେକରେ ଖପୁରୀ ମାଳ ଝୁଲୁଛୁ ଏବଂ ମା'ଙ୍କ ଜିଭ ବାହାରକୁ ବାହାରିକି ରହିଛି। ତା'ଛଡ଼ା ଉକ୍ତ ଦେବୀ ପ୍ରତୀମାଙ୍କ ମସ୍ତକରେ ରୂପାର ଛତ୍ରୀ ବି ଶୋଭା ପାଉଛି। କହିବାକୁ ଏହି ପ୍ରତୀମାରେ ମା'ଙ୍କର ଉଗ୍ର ରୂପ ସ୍ପଷ୍ଟ ବାରି ହୋଇପଡେ। ମା'ଙ୍କ ମଥାରେ ପ୍ରତିଦିନ କୁମ୍‌କୁମ୍ ଲଗାଯାଇଥାଏ। ଦର୍ଶନ ପାଇଁ ଆସୁଥିବା ଭକ୍ତଗଣଙ୍କ ମଥାରେ ମା'ଙ୍କର ଆଶୀର୍ବାଦ ସ୍ୱରୂପ ଏହି କୁମ୍‌କୁମ୍‌କୁ ପୂଜାରୀ ସେମାନଙ୍କ ମଥାରେ ଲଗାଇ ଦେଇଥାନ୍ତି। ମା'ଙ୍କ ପାଖରେ ନଡ଼ିଆ, କଦଳୀ ଭୋଗ କରଇବା ସହ ଭକ୍ତଗଣ ରେଶମ ଶାଢି ବି ମା'ଙ୍କୁ ଭେଟି ଦେବା ପାଇଁ ଆଣିଥାନ୍ତି।

**ପୂଜାପର୍ବ**

ପ୍ରତି ସଂକ୍ରାନ୍ତିରେ ଏଠାରେ ସ୍ୱତନ୍ତ୍ର ମେଳା ବସେ। ମା'ଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ। ସେହିପରି ବସନ୍ତ ଉତ୍ସବ, ଚୈତ୍ର ପର୍ବ ବି ଏଠାକାର ଦୁଇଟି ମୁଖ୍ୟ ପର୍ବ ହୋଇଥାଏ। କେବଳ ସେତିକି ନୁହେଁ ପ୍ରତି ବର୍ଷ ଅଗଷ୍ଟ ମାସରେ ଏଠାରେ ସ୍ୱତନ୍ତ୍ର ବାର୍ଷିକ ଉତ୍ସବର ଆୟୋଜନ ବି କରାଯାଇଥାଏ ; ଯାହାକୁ ଦେଖିବାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି।


**କେବେ ଓ କେମିତି ଯିବେ**

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ସେପ୍ଟେମ୍ବରରୁ ମାର୍ଚ୍ଚ ହେଉଛି ଏଠାକୁ ଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ। ଖାସ୍‌କରି ଦୂର୍ଗା ପୂଜା, କାଳୀ ପୂଜା ସମୟରେ ଏଠାରେ ଭକ୍ତଙ୍କର ବେଶ୍ ଗହଳି ଦେଖିବାକୁ ମିଳେ। ତା'ଛଡ଼ା ପ୍ରତି ମାସରେ ଏଠାରେ ସ୍ୱତନ୍ତ୍ର ସଂକ୍ରାନ୍ତି ମେଳାର ଆୟୋଜନ କରାଯାଇଥାଏ ; ଯାହାକୁ ଦେଖିବାକୁ ଦୂରଦୂରାନ୍ତରୁ ଭକ୍ତଗଣ ଏଠାକୁ ଆସିଥାନ୍ତି। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ରାମପୁରହାଟ ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ମୁଖ୍ୟ ରେଲଷ୍ଟେଶନ। ଅନ୍ୟପକ୍ଷେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ ହେଉଛି ଏଠାକାର ନିକଟବର୍ତ୍ତୀ ବିମାନବନ୍ଦର। ପର୍ଯ୍ୟଟକ ଚାହିଁଲେ ଟୁରିଷ୍ଟ ବସ୍ ଯୋଗେ ବି ଏଠାକୁ ଯାଇପାରିବେ।

**କିଛି ଜାଣିବା କଥା**

* ଭକ୍ତଗଣଙ୍କ ଦର୍ଶନ ନିମନ୍ତେ ଉକ୍ତ ମନ୍ଦିରଟି ସକାଳ ୬ରୁ ରାତି ୯ଟା ଯାଏଁ ଖୋଲା ରହେ। ମଧ୍ୟାହ୍ନ ଓ ସନ୍ଧ୍ୟାବେଳେ ଅଳ୍ପ କିଛି ସମୟ ପାଇଁ ଦର୍ଶନ ବନ୍ଦ ରହିଥାଏ।
* ଏହି ମନ୍ଦିର ଭିତରକୁ ପାଳିତ ପଶୁଙ୍କୁ ନେବା ନିଷେଧ।
* ମନ୍ଦିର ଭିତରେ ଫଟୋ ଉଠାଇବା ବି ମନା।
* ମନ୍ଦିରର ପରିଷ୍କାର, ପରିଚ୍ଛନ୍ନତା ପ୍ରତି ମଧ୍ୟ ଧ୍ୟାନ ଦେବା ଜରୁରୀ।






# କାର୍ଟୁନ ଚରିତ୍ରଙ୍କ ହାତରେ ଗ୍ଲୋଭ୍‌ସ ଥାଏ କାହିଁକି



**କାର୍ଟୁନ ଦେଖିବାକୁ ସବୁ ପିଲା ଭଲ ପାଆନ୍ତି ଏମିତିକି ବଡ଼ମାନେ ବି କାର୍ଟୁନ ଦେଖନ୍ତି। ହେଲେ କେବେ ଲକ୍ଷ୍ୟ କରିଛନ୍ତି କି ପ୍ରାୟ କାର୍ଟୁନ ଚରିତ୍ର ହାତରେ ଗ୍ଲୋଭ୍‌ସ ପିନ୍ଧିଥାନ୍ତି। ଏହାପଛର କାରଣ କ’ଣ ଜାଣନ୍ତୁ ସେ ସମ୍ପର୍କରେ...**



ମିକି ମାଉସ୍, ମିନି ମାଉସ୍ ହେଉ କି ଡୋନାଲ୍ଡ ଡକ୍ ଅବା ଅନ୍ୟ କିଛି କାର୍ଟୁନ ଚରିତ୍ର। ପ୍ରାୟ ସବୁ କାର୍ଟୁନ ଚରିତ୍ର ସହ କିଛି ରୋଚକ କଥା ଜଡ଼ିତ ଥାଏ। ଯାହା ସମ୍ପର୍କରେ ଲୋକ ବହୁତ କମ୍ ଜାଣି ଥାଆନ୍ତି। ସେମିତି ଏକ ରୋଚକ କଥା ହେଉଛି ପ୍ରାୟ କାର୍ଟୁନ ଚରିତ୍ର ହାତରେ ଧଳାରଙ୍ଗର ଗ୍ଲୋଭ୍‌ସ ପିନ୍ଧିଥିବା ଦେଖିବାକୁ ମିଳନ୍ତି। ହେଲେ ଏହା ପଛର କାରଣ କ’ଣ ଅନେକେ ଜାଣି ନ ଥିବେ।

ଏହାପଛର ସବୁଠୁ ସିଧା ଓ ସରଳ କାରଣ ହେଉଛି କାର୍ଟୁନ ଚରିତ୍ରର ଡିଜାଇନ୍‌କୁ କମ୍ ଜଟିଳ କରିବା। କଥା କ’ଣ କି ଆଗରୁ କାର୍ଟୁନଗୁଡିକୁ କମ୍ପ୍ୟୁଟର ଗ୍ରାଫିକ୍ସ ସାହାଯ୍ୟରେ କରାଯାଉ ନ ଥିଲା। ବରଂ ସବୁ ଶଟ୍ ପାଇଁ ଡିଜାଇନରଙ୍କୁ କାର୍ଟୁନର ଅଲଗା ଅଲଗା ସ୍କେଚ କରିବାକୁ ପଡୁଥିଲା। ଶରୀରର ଅଲଗା ଅଲଗା ଭାଗର ଡିଜାଇନ୍, ଷ୍ଟ୍ରକ୍ଚର ଆଦି ତିଆରି କରିବା କଷ୍ଟ ଥିଲା। ସବୁଠୁ କଷ୍ଟକର ହେଉଛି ହାତର ଡିଜାଇନ୍ କରିବା।

ନ୍ୟୁୟର୍କ ବିଶ୍ୱ ବିଦ୍ୟାଳୟର ଆନିମେସନ୍ ଇତିହାସକାର ଓ ପ୍ରଫେସର୍ ଜନ୍ କେନମେକର୍ କହନ୍ତି, ‘ପୁରୁଣା ସମୟରେ କାର୍ଟୁନ ଚରିତ୍ରର କୋଣଅନୁକୋଣଗୁଡିକୁ ମୁନିଆ ପରିବର୍ତ୍ତେ ଗୋଲ କରି ଦିଆଯାଉଥିଲା। କାରଣ ଏହା କରିବା ସହଜ ଥିଲା। ସେ ସମୟରେ କାର୍ଟୁନ ଚରିତ୍ର କଳା ଧଳାରେ ପ୍ରସାରିତ ହେଉଥିଲା। ସେତେବେଳେ ଦର୍ଶକଙ୍କୁ ହାତ ଓ ଶରୀରରେ ତଫାତ୍ ଜାଣିବା କଷ୍ଟକର ହୋଇ ଯାଉଥିଲା। ତା’ସହ ହାତର ଛୋଟ ଛୋଟ ଡିଜାଇନ୍ ଯେମିତି ଶିରାପ୍ରଶିରା, ରେଖା, ଅଙ୍ଗୁଳିର ଆକାର ସହଜ କରିବା ଲାଗି ଗ୍ଲୋଭ୍‌ସ ପିନ୍ଧା ଯାଇଥିଲା। ଯଦ୍ଦ୍ୱାରା କି ହାତରେ ଅଧିକ ଡିଟେଲିଂ ଦେବାକୁ ପଡ଼ିବ ନାହିଁ। ଦ୍ୱିତୀୟ କାରଣ ହେଉଛି କାର୍ଟୁନ ଚରିତ୍ରର କଳା ଶରୀରରୁ ହାତକୁ ଅଲଗା କରିବା ପାଇଁ ଧଳା ରଙ୍ଗର ଗ୍ଲୋଭ୍‌ସ ପିନ୍ଧା ଯାଉଥିଲା।’

ସର୍ବ ପ୍ରଥମେ ୱାଲ୍ଟ ଡିଜ୍‌ନୀ ନିଜ କାର୍ଟୁନ ଚରିତ୍ର ମିକି ମାଉସ୍‌କୁ ଗ୍ଲୋଭ୍‌ସ ପିନ୍ଧାଇବା ଆରମ୍ଭ କରିଥିଲେ।



ଓପନ କଲ୍ଟର ୱେବସାଇଟ୍ ଅନୁସାରେ ୱାଲ୍ଟ ଡିଜ୍‌ନୀ କହିଛନ୍ତି ଯେ, ‘କାର୍ଟୁନ ଚରିତ୍ରଗୁଡିକୁ ମୁଁ ମଣିଷ ଭଳି ଦର୍ଶାଇବାକୁ ଚାହୁଁଥିଲି। ଅର୍ଥାତ୍ ମିକି ମାଉସ୍‌ର ହାତକୁ ମୂଷା ଭଳି କରିବାକୁ ଚାହୁଁ ନ ଥିଲି। ସେଥିପାଇଁ ମିକି ମାଉସ୍‌କୁ ଗ୍ଲୋଭ୍‌ସ ପିନ୍ଧାଇଥିଲି। ତେବେ ଏତେ ଛୋଟ ଚରିତ୍ରର ପାଞ୍ଚ ଅଙ୍ଗୁଳି କରିବାରୁ ତା’ର ହାତ ଜଟିଳ ଓ ବଡ଼ ଦେଖାଗଲା। ସେଥିପାଇଁ ଗୋଟେ ଅଙ୍ଗୁଳି ବି କମ୍ କରି ଦିଆଗଲା।’ଆଜି ବି ଓଗି ଆଣ୍ଡ କକ୍ରୋଚେସ୍ ଭଳି କାର୍ଟୁନ୍ ଚରିତ୍ର ହାତରେ ଗ୍ଲୋଭ୍‌ସ ପିନ୍ଧିଥିବା ଦେଖିବାକୁ ମିଳେ।’

## ସବୁଠୁ ଛୋଟ ପାର୍କ

**ଛୋ**ଟରୁ ବଡ଼ ସମସ୍ତଙ୍କୁ ଭଲ ଲାଗେ ପାର୍କ। ବଡ଼ମାନେ ସେଠି ବ୍ୟାୟାମ କରନ୍ତି, ପିଲାମାନେ ଖେଳନ୍ତି। କେହି କେହି ପାର୍କସାରା ବୁଲି ବୁଲି ତା’ର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରନ୍ତି। କିଛି ପାର୍କ କିନ୍ତୁ ଏତେ ବଡ଼ ହୋଇଥାଏ ଯେ, ବୁଲି ବୁଲି ପାଦ ଥକିଯାଏ ସିନା ପୂରା ପାର୍କ ବୁଲି ହୁଏନା। ହେଲେ ଜାଣନ୍ତି କି ଏମିତି ଏକ ପାର୍କ ଅଛି ଯାହାକୁ କେଇ ସେକେଣ୍ଡରେ ଏକ ଛୋଟିଆ ପିଲା ନିଜର କୁନି କୁନି ପାଦରେ ଡେଇଁ ପାର କରିଦେବ। କାରଣ ଏ ହେଉଛି ପୃଥବୀର ସବୁଠାରୁ ଛୋଟ ପାର୍କ, ଯାହାକି ଜାପାନର ଟୋକିଓଠାରୁ ୧ କି.ମି. ଦୂର ନାଗାଇଜୁମୀରେ ଅଛି। ନାଁ ହେଉଛି ‘ସୁଜୁକା’। ଏହି ପାର୍କର ମୂଳଦୁଆ ଇଟାରେ ତିଆରି, ଯାହାକି ଚାରିକୋଣିଆ ଆକାରର । ୩୭୨ବର୍ଗ ଇଞ୍ଚର ଏହି ପାର୍କ ଛୋଟିଆ ହେଲେ ବି ଏହାର ଏକ ପ୍ରବେଶ ପଥ ଅଛି। ଏହି କୁନି ପାର୍କରେ ଗୋଟେ ସିଟ୍ ଥିବା ବେଞ୍ଚ ପଡ଼ିଛି, ଅଳ୍ପ କିଛି ଘାସଅଛି ଓ ଏହାକୁ ଛୋଟ ଛୋଟ ସୁନ୍ଦର ପଥରରେ ସଜାଯାଇଛି। ଫଳରେ ଏହା ପାର୍କର ସବୁ ସର୍ତ୍ତ ପୂରା କରେ। ତେବେ ସୂଚନାଯୋଗ୍ୟ ଯେ, ପୂର୍ବରୁ ଆମେରିକାର ଅରିଗାନ୍‌ରେ ପୃଥିବୀର ସବୁଠାରୁ ଛୋଟ ପାର୍କ ଥିଲା। ‘ମିଲ ଏଣ୍ଡସ୍’ ନାମକ ଏହି ପାର୍କର ଆକାର ୪୫୨ ବର୍ଗ ଇଞ୍ଚ ଥିଲା। ଏହି ପାର୍କକୁ ଦେଖି ହିଁ ଜାପାନର ସୁଜୁକା ନାମକ ଏହି ଛୋଟ ପାର୍କକୁ ତିଆରି କରାଯାଇଛି।



# ମଶାଠୁ ରକ୍ଷା କରିବ କଙ୍କି ପେଣ୍ଡାଣ୍ଟ

ଏହି କଙ୍କିକୁ ଦେଖି ଇଛା ହେଉଛି କି ପିଲାଦିନେ ଯେମିତି ଲୁଚି ଲୁଚି ତାକୁ ଧରୁଥିଲେ ସେମିତି ଧରିବାକୁ? ତେବେ ପ୍ରକୃତ କଥା ହେଉଛି ଏହା କଙ୍କି ନୁହେଁ। ଏହା ଏକ ପେଣ୍ଡାଣ୍ଟ। ଏହାକୁ ଏତେ ନିଖୁଣଭାବେ ତିଆରି କରାଯାଇଛି ଯେ ପେଣ୍ଡାଣ୍ଟଟି ସତସତିକା କଙ୍କି ଭଳି ଲାଗେ। ଏହାକୁ ଜାପାନର କମ୍ପାନୀ ମିକି ଲୋକୋସ୍ କର୍ପୋରେସନ ଲିମିଟେଡ୍ ତିଆରି କରିଛି। ଉକ୍ତ କମ୍ପାନୀ ଦାବି କରେ ଯେ, ଏହି ହାଇପର୍ ରିଆଲିଷ୍ଟିକ୍ ପେଣ୍ଡାଣ୍ଟକୁ ପିନ୍ଧିଲେ ମଶା, ଅନ୍ୟ କିଟପତଙ୍ଗ ଓ ପୋକ



ଆପଣଙ୍କ ପାଖ ମାଡିବେନି। ଦୂରେଇ ରହିବେ। କାରଣ କଙ୍କି ପ୍ରାଣୀଜଗତର ଏକ ସଫଳ ହିଂସ୍ରକ କୀଟ ଅଟେ, ଯାହା ନିଜ ଶିକାରକୁ ଆଦୌ ଛାଡି ନ ଥାଏ। ତେଣୁ ଅନ୍ୟ କିଟପତଙ୍ଗ କଙ୍କିଠାରୁ ଦୂରେଇ ରୁହନ୍ତି। କହିବାକୁଗଲେ ଏହା ଏକପ୍ରକାରର ମସ୍କିଟୋ ରିପେଲାଣ୍ଟ। ଏହାକୁ ବେକରେ ଅବା ଏମିତି ପିନ୍ଧିବେ ଯେମିତିକି ପେଣ୍ଡାଣ୍ଟଟି ଭଲଭାବେ ବାହାରକୁ ଦେଖାଯାଉଥିବ। ଫଳରେ ମଶା ଓ ଅନ୍ୟ କିଟପତଙ୍ଗ ଆକ୍ରମଣରୁ ରକ୍ଷା ପାଇପାରିବେ। ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର ମସ୍କିଟୋ ରିପେଲିଂ ସଲ୍ୟୁସନ୍‌ରେ ଅନେକ ପ୍ରକାରର ରାସାୟନିକ ପଦାର୍ଥ ମିଶିଥାଏ, ଯାହାକୁ ବ୍ୟବହାର କଲେ ପାର୍ଶ୍ୱ ପ୍ରତିକ୍ରିୟା ପଡିବାର ଆଶଙ୍କା ଥାଏ। ହେଲେ ଏହି ପେଣ୍ଡାଣ୍ଟର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ନିର୍ଭୟରେ ଏହାକୁ ବ୍ୟବହାର କରିହେବ। ଉକ୍ତ କଙ୍କି ମସ୍କିଟୋ ରିପେଲାଣ୍ଟଟି ପିଭିସିରେ ତିଆରି। ଏହାର ଲମ୍ବ ୧୦୦ ମି.ମି ଓ ଡେଣା ପ୍ରସାରିତ କଲେ ଏହା ୧୩୦ ମି.ମି. ଲମ୍ବ ହୁଏ। ଏହାକୁ କେବଳ ପେଣ୍ଡାଣ୍ଟଭାବେ ନୁହେଁ ଏଥିରେ ଥିବା କ୍ଲିପ୍‌କୁ ବ୍ୟବହାର କରି ଏହାକୁ ହ୍ୟାଟ୍, ପ୍ୟାଣ୍ଟ ପକେଟ, ବ୍ୟାକ୍‌ପ୍ୟାକ୍ ଆଦି ସ୍ଥାନରେ ବି ଲଗାଇହେବ।

ବ୍ୟାକ୍ ପେଜ୍



# ଏଠି ସବୁଘର ବଙ୍କାଟଙ୍କା

ଏମିତି ଅନେକ ଗାଁ ଓ ସହର ଅଛି ଯାହାର ଇତିହାସ ତାକୁ ଖାସ୍ କରାଏ। ତା'ଛଡ଼ା କିଛି ଗାଁର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ବି ତାକୁ ଖାସ୍ କରାଇଥାଏ। ଏଇ ଯେମିତି ଏକ ଗାଁ ଅଛି ଯେଉଁଠି ସବୁଘର ବଙ୍କାଟଙ୍କା। ଅର୍ଥାତ୍ ସବୁ ଘରର କିଛି ନା କିଛି ଭାଗକୁ ବଙ୍କାଟଙ୍କା ଭାବେ ତିଆରି କରାଯାଇଛି। ଫଳରେ ପୁରା ଗାଁ ବଡ଼ ଅଜବ ଲାଗେ। ସତେ ଯେମିତି ଏହା ଏକ ଭିନ୍ନ ଦୁନିଆର ଗାଁ। ୟୁକେର ସଫୋଲ୍କ ପ୍ରାନ୍ତରେ ଥିବା ଏହି ଗାଁର ନାଁ ହେଉଛି ଲାବେନହ୍ୟାମ୍। ଏହାକୁ ପୂର୍ବରୁ ଇଂଲଣ୍ଡର ସବୁଠାରୁ ଭଲ ମଧ୍ୟଯୁଗୀୟ ଗାଁ ଭାବେ ଗଣନା କରାଯାଉଥିଲା। ଏହା ଉଲ ବ୍ୟବସାୟ ପାଇଁ ପ୍ରସିଦ୍ଧ ଥିଲା। ଏଠାକାର ଲୋକ ବହୁତ ଧନୀ ଥିଲେ। ଗାଁଟି ଖୁବ୍ ଶୀଘ୍ର ବଢିଥିଲା। ତେଣୁ ଘରଗୁଡ଼ିକ ତରବରରେ ତିଆରି ହୋଇଥିଲା। କିଛି ଘର କଞ୍ଚା କାଠରେ ବି ତିଆରି କରାଯାଇଥିଲା। ଯେବେ କାଠ ସୁଖିଲା ଘରର କିଛି ଭାଗ ବଙ୍କା ଟଙ୍କା ହେଇଗଲା। ଏମିତି ଅନେକ ଘର ବଙ୍କାଟଙ୍କା ହେବାଯୋଗୁ ଗାଁଟିକୁ ଦେଖିଲେ ଲାଗିଲା ସତେ ଯେମିତି ଏହା କୌଣସି ପରି ଦୁନିଆ। ଏବେ ବି ଏହି ଗାଁର ଘରଗୁଡ଼ିକ ସେହିଭଳି ଅଛି। ଆଉ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଛି।







# ସ୍କେଟିଂ କରୁଛି ବୁଲ୍‌ଡଗ୍

କିଛି ପେଟ୍ ଅଜବ କରତବ୍ କରି ଭାଇରାଲ ହେଉଥିବା ସୋସିଆଲ ମିଡିଆରେ ଦେଖିଥିବେ। ସେମାନଙ୍କର ଟ୍ରିକ୍‌ସବୁ ଦେଖି ଆଶ୍ଚର୍ଯ୍ୟ ଲାଗେ ଯେ, ଆମେ ମଣିଷ ହୋଇ ଯେଉଁକାମ କରିପାରୁନେ ଏଇ ପେଟ୍‌ମାନେ କିପରି କରିପାରୁଛନ୍ତି। ଏଇ ଯେମିତି ସ୍କେଟିଂ କରି ଏକ ବୁଲ୍‌ଡଗ୍ ଏବେ ଇଣ୍ଟରନେଟ୍ ସନସେସନ୍ ପାଲଟିଯାଇଛି। ଆମେରିକା, ୱାଶିଂଟନ୍‌ର ଫକ୍ସ ଆଇଲାଣ୍ଡରେ ରହୁଥିବା ଜେମି ଡେଲପରଡାଙ୍ଗଙ୍କର ଏ ହେଉଛି ପେଟ୍, ଯାହାର ନାଁ ଚାଡର୍। ଚାଡର୍‌ର ସ୍କେଟିଂ ସ୍କିଲ ଦେଖି ସ୍କେଟର୍‌ମାନେ ବି ଚକିତ ହୋଇ ଯାଆନ୍ତି। ୯ ବର୍ଷ ବୟସର ଚାଡର୍‌ର ସ୍କେଟିଂ ଦେଖି ଅନେକେ କୁହନ୍ତି ସେ ନିଶ୍ଚିତଭାବେ କୌଣସି ସ୍କେଟର୍‌ର ପୁନର୍ଜନ୍ମ। ଡେଲପରଡାଙ୍ଗ ଦମ୍ପତି ଚାଡର୍‌କୁ ଏକ ବ୍ରିଡର୍‌ଠାରୁ ଆଣିଥିଲେ। ଥରେ ଚାଡର୍‌କୁ ନେଇ ଏହି ଦମ୍ପତି ବିଚ୍‌କୁ ଯାଇଥାନ୍ତି। ସେଠି ହଠାତ୍ ଚାଡର୍ ଏକ ପିଲାର ସ୍କେଟ୍ ବୋର୍ଡରେ ଖେଳିବାକୁ ଆରମ୍ଭ କଲା। ଆଉ ସେ ବହୁତ ଖୁସି ବି ଥିଲା। ଏ ଘଟଣା ପରେ ଡେଲପରଡାଙ୍ଗ ଦମ୍ପତି ଚାଡର୍ ପାଇଁ ଏକ ସ୍କେଟ୍ ବୋର୍ଡ ଆଣିଦେଲେ। ଆଉ ଖୁବ୍ ଶୀଘ୍ର ସେ ଏଥିରେ ଖେଳିବା ଓ ସ୍କେଟିଂ କରିବା ଆରମ୍ଭ କରିଦେଲା। ସେ ସ୍କେଟିଂ ଏତେ ମନଧ୍ୟାନ ଦେଇ କରେ ଯେ, ଯଦି ଭଲ ନ କରିପାରେ ମନ ଦୁଃଖ କରେ। ଆଉ ଯଦି ଭଲରେ କରିଦିଏ ଖୁସି ହେଇଯାଏ। ଏବେ ଚାଡର୍‌ର ୨୦ଟି ସ୍କେଟ ବୋର୍ଡ ଅଛି। ସେ ସ୍କେଟିଂ କରୁଥିବା ଭିଡ଼ିଓ ସୋସିଆଲ ମିଡ଼ିଆରେ ବେଶ୍ ଭାଇରାଲ ହେଉଛି।

